୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.167 Bhubaneswar Thursday August 08 2024 | ୨୬ତମ ବର୍ଷ ସଂଖ୍ୟା-୧୬୭ ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୦୮, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS


## ଦେବୀ ମିଶ୍ର କମିଟିକୁ ନେଇ ବିଜେଡିରେ ବଢ଼ିଲା ଅସନ୍ତୋଷ: ବିରୋଧ ପାଇଁ ସଜବାଜ ହେଉଛନ୍ତି ବିଧାୟକ-ସାଂସଦ

ଭୁବନେଶ୍ୱର,୭ ।୮(ପି.ଏନ):୨୭ବର୍ଷର ଆଂଚ଼ଳିକ ଦଳ ବିଜେଡି ଚ଼ଳିତ ନିର୍ବାଚ଼ନରେ ଶକ୍ତ ପରାଜୟ ପରେ ନେତୃତ୍ୱ ସଙ୍କଟ ଦେଇ ଗତି କରୁଛି । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଦଳର ନେତା ଅଛନ୍ତି ସତ କିନ୍ତୁ ନେତୃତ୍ୱ ଓ ରିମୋଟ୍ ଭିକେ ପାଣ୍ଡିଆନଙ୍କ ହାତରେ ପୂର୍ବବତ୍ ରହିଥିବା ପୁଣିଥରେ ପ୍ରମାଣିତ ହୋଇଛି । ପାଣ୍ଡିଆନ ଦଳୀୟ ସଂଗଠନକୁ ନିଜ ନିୟନ୍ତ୍ରଣରେ ରଖିବା ପାଇଁ ପରାଜିତ ତଥା ଲୋକଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ଦେବୀ ମିଶ୍ରଙ୍କୁ ମୋହରା କରିଥିବା କଥା ପଦାରେ ପଡିବା ପରେ ବିଜେଡିରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି । ଦଳର ବିଧାୟକ ଓ ସାଂସଦମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବା ସହ ସେମାନେ ଖୋଲାଖୋଲି ଭାବେ ଦେବୀ ମିଶ୍ରଙ୍କୁ ବିରୋଧ ପାଇଁ ସଜବାଜ ହେଉଥିବା ଜଣାପଡିଛି ।ସୂଚ଼ନା ଅନୁସାରେ, ଦଳର ବିଭିନ୍ନ କାର୍ଯ୍ୟକ୍ରମର ତଦାରଖ ପାଇଁ ଦେବୀ ମିଶ୍ରଙ୍କ ନେତୃତ୍ୱରେ ୧୫ଜଣିଆ କମିଟି ଗତ ଦୁଇଦିନ ତଳେ ଗ ?। ଯାଇଛି । ଏହି କମିଟିରେ ଦଳ ନିଜର ୮ଜଣ ବିଧାୟକଙ୍କୁ ସାମିଲ କରିଛି । କିନ୍ତୁ ବରିଷ୍ଠ ଓ ଆଗଧାଡିର ନେତାମାନଙ୍କୁ ସାମିଲ ନକରି ତୋଷାମଦକାରୀ



ନେତାଙ୍କୁ କମିଟିରେ ଗୁରୁତ୍ୱ ଦେଇଥିବାକୁ ନେଇ ଦଳ ଭିତରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଦଳରେ ବହୁ ବରିଷ୍ଠ ନେତା ଓ ବିଧାୟକ ଥିବା ସତ୍ତ୍ୱେ ପ୍ରାୟ ୨୩ହଜାରରୁ ଅଧିକ ଭୋଟରେ ପରାଜିତ ତଥା ଲୋକଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ଦେବୀ ମିଶ୍ରଙ୍କୁ କାହିଁକି କମିଟିର ନେତୃତ୍ୱ ଦିଆଗଲା ତାକୁ ନେଇ ଅସନ୍ତୋଷ ଦେଖାଦେଇଛି । ବିଜେଡି ୨ମାସ ପରେ ମଧ୍ୟ ନିଜର ନିର୍ବାଚ଼ନୀ ବିପର୍ଯ୍ୟୟର ସମୀକ୍ଷା କରିବାରେ ସକ୍ଷମ ହୋଇନାହିଁ କି ଦଳର ସମସ୍ତ ଛାମୁଆ ସଂଗଠନକୁ ଭାଙ୍ଗିବାର ମାସେ ପରେ ମଧ୍ୟ ତାକୁ ପୁର୍ନଗଠନ କରି ନାହିଁ । ଯାହାକୁ ନେଇ ଦଳୀୟ ନେତା ଓ କର୍ମୀମାନଙ୍କ ମଧ୍ୟରେ ଆଗରୁ ଅସନ୍ତୋଷ ଚ଼ାପି ହୋଇ ରହିଥିଲା । ଏବେ ଦେବୀ ମିଶ୍ରଙ୍କ ନେତୃତ୍ୱରେ କମିଟି ଗ ?।ଯିବା ପରେ ଏହି ଅସନ୍ତୋଷ ଉଗ୍ର ରୂପ ଧାରଣ କରିବାରେ ଲାଗିଥିବା ଚ଼ର୍ଚ୍ଚା ହେଉଛି । ଦେବୀଙ୍କୁ ସିଧାସଳଖ ବିରୋଧ ପାଇଁ ବିଜେଡିର ବିଧାୟକମାନଙ୍କ ଏକ ବୃହତ୍ ଗୋଷ୍ଠୀ ସଜବାଜ ହେଉଛନ୍ତି ଓ କମିଟିର କାର୍ଯ୍ୟକୁ ଖୋଲା ବିରୋଧ ପାଇଁ ସେମାନେ ଖୁବଶୀଘ୍ର ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟିପାରନ୍ତି ବୋଲି ଜଣାପଡିଛି ।

### ଆଠଗଡ ବିଡିଓଙ୍କ ଘରେ ଭିଜିଲାନ୍ସ ରେଡ୍, ୪ଟି ସ୍ଥାନରେ ଚ଼ଢାଉ

ଭୁବନେଶ୍ୱର,୭ ।୮(ପି.ଏନ): ସକାଳୁ ସକାଳୁ କଟକ ଆଠଗଡ ବିଡିଓଙ୍କ ଘରେ ଭିଜିଲାନ୍ସ ରେଡ୍ ପଡିଛି । ବିଡିଓ ପ୍ରଦୀପ ସାହୁଙ୍କ ଘରେ ରେଡ୍ ପଡିଛି । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଚ଼ଢାଉ ଚ଼ାଲିଛି । ଖୋର୍ଦ୍ଧା, ଭୁବନେଶ୍ୱର, ନୟାଗଡ ଓ ଆଠଗଡରେ ଚ଼ଢାଉ ଜାରି ରହିଛି । ଏହା ବ୍ୟତୀତ ଭୁବନେଶ୍ୱର ଗୌତମ ନଗର ଥିବା ବାସଭବନରେ ମଧ୍ୟ ଚ଼ଢାଉ ଜାରି ରହିଛି । ୬ ଡିଏସପି, ୬ ଇନ୍ସପେକ୍ଟର, ଏଏସଆଇ ଏହି ରେଡରେ ସାମିଲ ଅଛନ୍ତି ।ଅଗଷ୍ଟ ୨ ତାରିଖରେ ଅଧିକ୍ଷଣ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚ଼ଢାଉ କରିଥିଲା । ଚ଼ଢାଉ ସମୟରେ ଅଧିକ୍ଷଣ ଯନ୍ତ୍ରୀ ପ୍ରଭାସ ଚ଼ନ୍ଦ୍ର ପ୍ରଧାନଙ୍କର ୮୫ଟି ପ୍ଲଟ ଠାବ କରାଯାଇଥିଲା। ତେଲାଙ୍ଗରେ ୪ଟି ପ୍ଲଟ, ପଶ୍ଚିମବଙ୍ଗରେ ଗୋଟିଏ ପ୍ଲଟ ରହିଥିବା ବେଳେ ୧୧ ଲକ୍ଷ ୭୦ ହଜାର ୯୮୦ ଟଙ୍କା ନଗଦ ଜବତ କରାଯାଇଥିଲା । ୨୧୮ ଗ୍ରାମ ସୁନା, ଗୋଟିଏ ସୁନା ବିସ୍କୁଟ ମଧ୍ୟ ଜବତ କରାଯାଇଥିଲା । ୫ ମହଲା କୋଠା ଓ ଏକ ମାର୍କେଟ କମ୍ପ୍ଲେକ୍ସ ଠାବ ହୋଇଥିଲା ।

### ଫାଇଲେରିଆ ନିରାକରଣ ଅଭିଯାନ ନିମନ୍ତେ ସାମ୍ବାଦିକମାନଙ୍କ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୭ ।୮(ପି.ଏନ): ବରଗଡ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ର ପ୍ରଶିକ୍ଷଣ କକ୍ଷ୍ୟ ରେ ଫାଇଲେରିଆ ନିରାକରଣ ଅଭିଯାନ ନିମନ୍ତେ ଆସନ୍ତା ଅଗଷ୍ଟ ୧୦ ରୁ ୧୯ ପର୍ଯ୍ୟନ୍ତ ସମୂହ ଔଷଧ ସେବନ କାର୍ଯ୍ୟକ୍ରମ (ଗଡଇ) ପାଇଁ ସାମ୍ବାଦିକ ମାନଙ୍କ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ, ଡ. ନିରୁପମା ଷଡ଼ଙ୍ଗୀ, ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟର ବାହିତ ରୋଗ) ଡ, ସାଧୁ ଚ଼ରଣ ଦାଶ ଓ ଡ. ସୁଭାଶିଷ ମହାନ୍ତି, ରାଜ୍ୟ ଯୁଗ୍ମ ନିର୍ଦେଶକ ଫାଇଲେରିଆ ରୋଗ କିପରି ହୁଏଏହାର ନିରାକରଣ ନିମନ୍ତେ ଔଷଧ ସେବନ କରିବେ ବୋଲି ଉଲ୍ଲେଖ କରିଥିଲେ।

## ୩ ବର୍ଷର ଶିଶୁ ଉପରେ ପଡିଗଲା କୁକୁର, ଚ଼ାଲିଗଲା ଜୀବନ; ସିସିଟିଭିରେ କଏଦ ହୋଇଛି ପୂରା ଦୃଶ୍ୟ

ଭୁବନେଶ୍ୱର,୭ ।୮(ପି.ଏନ): ମା' ସହିତ ବୁଲି ବାହାରିଥିଲେ ଜଣେ ୩ ବର୍ଷର ଝିଅ। ମା'ର ହାତ ଧରି ଚ଼ାଲି ଚ଼ାଲି ଯାଉଥିବା ବେଳେ ହଠାତ୍ ତାଙ୍କ ଉପରେ ପଡିଲା ଏକ କୁକୁର (Golden Retriever ପ୍ରଜାତିର କୁକୁର)। ସେ ଚେତାଶୂନ୍ୟ ହୋଇଗଲେ। ତାଙ୍କ ମା' ତୁରନ୍ତ ତାଙ୍କୁ ଡାକ୍ତରଖାନା ନେଇଗଲେ। ତେବେ ଚ଼ିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଗତକାଲି ଏହି ଘଟଣାଟି ଘଟିଛି ମୁମ୍ବାଇଠାରୁ ପ୍ରାୟ ୩୦ କିମି ଦୂର ମୁମ୍ବ୍ରାର ଅମୃତ ନଗରରେ। ଶିଶୁ କନ୍ୟାଟି ଉପରେ କୁକୁର ପଡିବାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ମା'ଝିଅ ରାସ୍ତାରେ ଚ଼ାଲି ଚ଼ାଲି ଯାଉଥିବା ବେଳେ ପାଖରେ ଥିବା ଏକ କୋଠାର ୫ମ ମହଲାରୁ କୁକୁରଟି ପଡିଥିଲା। କୁକୁରଟି ସିଧାସଳଖ ଆସି ଛୋଟ ଛୁଆଟି ଉପରେ ପଡିଥିଲା।



## ଆସୁଛି ଆଉ ଏକ ଲଘୁଚ଼ାପ !

ଭୁବନେଶ୍ୱର,୭ ।୮(ପି.ଏନ):ଗାଙ୍ଗେୟ ପଶ୍ଚିମବଙ୍ଗ ଓ ସଂଲଗ୍ନ ବାଂଲାଦେଶ ଉପରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଏବେ ଗାଙ୍ଗେୟ ପଶ୍ଚିମବଙ୍ଗ, ଝାଡଖଣ୍ଡ ଏବଂ ଉତ୍ତର ଓଡିଶା ଉପରେ ସମାନ୍ତରାଳ ଭାବେ ରହିଛି। ଏହାର ପ୍ରଭାବରେ ଆଗାମୀ ୨୪ ଘଣ୍ଟାରେ ଉକ୍ତ ଅଞ୍ଚଳରେ ଏକ ଲଘୁଚ଼ାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ସହିତ ଦିଘା ଦେଇ ଅତିକ୍ରମ କରୁଥିବା ମନ୍ସୁନ୍ ଟ୍ରଫ୍ ପ୍ରଭାବରେ ରାଜ୍ୟରେ ବର୍ଷା ହେବାର ସମ୍ଭାବନା ରହିଛି ।ପାଣିପାଗ ବିଭାଗ ପକ୍ଷରୁ ଜାରି କରାଯାଇଥିବା ବୁଲେଟିନ ଅନୁଯାୟୀ, ଆସନ୍ତାକାଲି ସକାଳ ୮ଟା ପର୍ଯ୍ୟନ୍ତ ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ସମ୍ବଲପୁର, ଦେବଗଡ, କୋରାପୁଟ ଓ ନବରଙ୍ଗପୁରର ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ (୭ରୁ ୨୦ ସିଏମ୍ ?) ବର୍ଷା ହୋଇପାରେ।



ସେଥିପାଇଁ ଏହି ସବୁ ଜିଲ୍ଲାଗୁଡିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିଭଳି ମାଲକାନଗିରି, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ, କେନ୍ଦ୍ରାପଡା, ଯାଜପୁର, କଟକ, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, ନୂଆପଡା, ବଲାଙ୍ଗିର ଓ ସୋନପୁରର ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳ (୭ରୁ ୧୧ ସିଏମ୍ ?) ବର୍ଷା ହେବାର ସମ୍ଭାବନା ଅଛି। ସେଥିପାଇଁ ଏହି ସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ଓଡିଶା ସମେତ ୯ ରାଜ୍ୟର ୧୨ ରାଜ୍ୟସଭା ଆସନ ପାଇଁ ୩ରେ ଭୋଟ

ଭୁବନେଶ୍ୱର,୭ ।୮(ପି.ଏନ): ବିଭିନ୍ନ ରାଜ୍ୟରେ ଖାଲି ପଡିଥିବା ୧୨ଟି ରାଜ୍ୟସଭା ଆସନ ପାଇଁ ଆସନ୍ତା ୩ ତାରିଖରେ ଉପ ନିର୍ବାଚ଼ନ ଅନୁଷ୍ଠିତ ହେବ। ଏହି ୧୨ଟି ଆସନ ମଧ୍ୟରେ ଓଡିଶାର ଗୋଟିଏ ରାଜ୍ୟସଭା ଆସନ ରହିଛି। ବିଜେଡି ପକ୍ଷରୁ ରାଜ୍ୟସଭାକୁ ଯାଇଥିବା ମମତା ମହାନ୍ତ ସାଂସଦ ପଦରୁ ଇସ୍ତଫା ଦେବା ପରେ ଓଡିଶାର ଗୋଟିଏ ଆସନ ଖାଲି ପଡିଥିଲା। ଏବେ ଉକ୍ତ ଆସନ ପାଇଁ ନିର୍ବାଚ଼ନ ହେବ। ଉପ ନିର୍ବାଚ଼ନ ପାଇଁ ଅଗଷ୍ଟ ୧୪ରେ ବିଜ୍ଞପ୍ତି ପ୍ରକାଶ ପାଇବ। ଅଗଷ୍ଟ ୨୧ ହେଉଛି ନାମାଙ୍କନ ଦାଖଲର ଶେଷ



ତାରିଖ। ଅଗଷ୍ଟ ୨୬ ଓ ୨୭କୁ ନାମାଙ୍କନ ପ୍ରତ୍ୟାହାର ପାଇଁ ରଖାଯାଇଛି। ଏହାପରେ ଆବଶ୍ୟକ ପଡିଲେ ସେପ୍ଟେମ୍ବର ୩ରେ ହେବ ଭୋଟ ଗ୍ରହଣ ହେବ ବୋଲି ଭାରତୀୟ ନିର୍ବାଚ଼ନ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ କୁହାଯାଇଛି।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସୂଚ଼ନା: ରାଜ୍ୟର ପ୍ରତି ପଞ୍ଚାୟତରେ ଖୋଲିବ 'ଜନ ଆରୋଗ୍ୟ ମନ୍ଦିର'

ଭୁବନେଶ୍ୱର,୭ ।୮(ପି.ଏନ): ରାଜ୍ୟରେ ବିଜେପି ସରକାର ପ୍ରଥମ ଥର ପାଇଁ କ୍ଷମତାକୁ ଆସିବା ବେଳେ ଅନେକ ନୂଆ ନୂଆ ପଦକ୍ଷେପ ଗ୍ରହଣ କରୁଛନ୍ତି । ବର୍ଷ ବର୍ଷ ଧରି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ବନ୍ଦ ରହିଥିବା ବେଳେ ଏବେ ନୂଆ ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି । ତେବେ ଏହା ମଧ୍ୟରେ ରାଜ୍ୟ ସରକାର ସ୍ୱାସ୍ଥ୍ୟ କ୍ଷେତ୍ରକୁ ନେଇ ଏକ ବଡ ନିଷ୍ପତ୍ତି ନେଇଛନ୍ତି । ରାଜ୍ୟର ପ୍ରତି ପଞ୍ଚାୟତରେ 'ଜନ ଆରୋଗ୍ୟ କେନ୍ଦ୍ର' ଖୋଲିବ । ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏ ବାବଦରେ ସୂଚ଼ନା ଦେଇଛନ୍ତି ।ପ୍ରତି ଜନ ଆରୋଗ୍ୟ କେନ୍ଦ୍ରରେ ଜଣେ ଯୋଗ ଶିକ୍ଷକ, ଅନ୍ୟ ଜଣେ ସହକାରୀ ଯୋଗ ଶିକ୍ଷକ ରହିବେ । ଉକ୍ତ କେନ୍ଦ୍ରରେ ସମସ୍ତ ପ୍ରକାରର ଔଷଧ ମହଜୁଦ୍ ରହିବ । ଛୋଟ ଛୋଟ ସ୍ୱାସ୍ଥ୍ୟ ସମସ୍ୟା କ୍ଷେତ୍ରରେ ଏହା ଲୋକଙ୍କୁ ବିଶେଷ ଭାବେ ସହଯୋଗ କରିବାରେ ସହାୟକ ହେବ । ଏହାଫଳରେ ଲୋକମାନେ ଆଉ ନିଜ ପଞ୍ଚାୟତ ଛାଡି ଅନ୍ୟ ପଞ୍ଚାୟତକୁ ଯିବେ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି । ସୂଚ଼ନାଯୋଗ୍ୟ ଯେ, ଗତ ମାସ ୨୨ ତାରିଖ ଠାରୁ ଆରମ୍ଭ ହୋଇଥିବା ସପ୍ତଦଶ ବିଧାନସଭାର ପ୍ରଥମ ଅଧିବେଶନରେ ରାଜ୍ୟପାଳ ରଘୁବର ଦାସ ଏ ବାବଦରେ ନିଜର ଅଭିଭାଷଣରେ କହିଥିଲେ ।ରାଜ୍ୟ ସରକାରଙ୍କ ନୂଆ ନିଷ୍ପତ୍ତି କ୍ରମେ, ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ରାଜ୍ୟରେ ଲାଗୁ କରାଯିବ ଓ ଏହା ରାଜ୍ୟବାସୀଙ୍କୁ ସାର୍ବଜନିନ ସ୍ୱାସ୍ଥ୍ୟସେବା ପ୍ରଦାନ କରିବ । ରାଜ୍ୟରେ ୩ ହଜାର ନୂଆ ଡାକ୍ତରଙ୍କୁ ନିଯୁକ୍ତି ଦିଆଯିବ । ସେହିପରି ରାଜ୍ୟର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଉପକେନ୍ଦ୍ରର ନାମ ପରିବର୍ତ୍ତନ କରାଯିବ । ଏହାର ନୂଆ ନାମ 'ଆରୋଗ୍ୟ ମନ୍ଦିର' ରଖାଯିବ ଆସନ୍ତା ୨୦୩୦ ସୁଦ୍ଧା ରାଜ୍ୟକୁ ମ୍ୟାଲେରିଆମୁକ୍ତ କରାଯିବ ଓ ଗର୍ଭବତୀଙ୍କ ପୁଷ୍ଟିକର ଖାଦ୍ୟ ଆବଶ୍ୟକତାକୁ ପୂରଣ ପାଇଁ ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବ । ବଲାଙ୍ଗିର, କଳାହାଣ୍ଡି ଓ ନୂଆପଡରେ ୧୦ଟି ଜଳସେଚ଼ନ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରାଯିବ । ରାଜ୍ୟର ଅନେକ ଯୁବବର୍ଗଙ୍କ ପ୍ରତି ଧ୍ୟାନ ଦିଆଯିବ ସହ ସ୍ୱାସ୍ଥ୍ୟ, କୃଷି, ଶିକ୍ଷା ଆଦି କ୍ଷେତ୍ର ପ୍ରତି ଗୁରୁତ୍ୱ ଦିଆଯିବ ବୋଲି ରାଜ୍ୟପାଳ ଅଭିଭାଷଣରେ ଘୋଷଣା କରିଥିଲେ ।

## ଭାରତୀୟ ସଂସ୍କୃତିରେ ହସ୍ତତନ୍ତର ସ୍ଥାନ ସ୍ୱତନ୍ତ୍ର: ପଦ୍ମବିଭୂଷଣ ସୁଦର୍ଶନ ସାହୁ

ଭୁବନେଶ୍ୱର,୭ ।୮(ପି.ଏନ): ଭାରତୀୟ ହସ୍ତତନ୍ତର ସମୃଦ୍ଧ ଐତିହ୍ୟ ଏବଂ ଦେଶର ସାମାଜିକ-ଅର୍ଥନୈତିକ ବିକାଶରେ ଏହାର ଅବଦାନକୁ ସମ୍ମାନ ଜଣାଇ ଭାରତ ସରକାରଙ୍କ ବୟନ ଶିଳ୍ପ ମନ୍ତ୍ରାଳୟ ଅଧିନସ୍ଥ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାସନ ଟେକ୍ନୋଲୋଜି (ନିଫ୍ଟ) ଭୁବନେଶ୍ୱର ଜାତୀୟ ହସ୍ତତନ୍ତ ଦିବସ ପାଳନ ହୋଇଛି । ସ୍ୱଦେଶୀ ବୟନକୁ ପ୍ରୋତ୍ସାହିତ କରିବା ଏବଂ ଆତ୍ମନିର୍ଭରଶୀଳତାକୁ ପ୍ରୋତ୍ସାହିତ କରିବା ପାଇଁ ୧୯୦୫ ମସିହା ଏହି ଦିନରେ ସ୍ୱଦେଶୀ ଆନ୍ଦୋଳନର ଶୁଭାରମ୍ଭ ହୋଇଥିଲା। ଏହି ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ପଦ୍ମବିଭୂଷଣ ସୁଦର୍ଶନ ସାହୁ ଭାରତୀୟ ସଂସ୍କୃତିରେ ହସ୍ତତନ୍ତର ମହତ୍ୱ ସଂପର୍କରେ ଆଲୋକପାତ କରିଥିଲେ। ସେହିପରି ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିବା ପଦ୍ମଶ୍ରୀ ବିନୋଦ ମହାରଣା ଓଡ଼ିଶାର ବିଭିନ୍ନ ହସ୍ତତନ୍ତ ଉପରେ ଆଲୋକପାତ କରିଥିଲେ ।ନିଫ୍ଟ ଭୁବନେଶ୍ୱରର ନିର୍ଦ୍ଦେଶକ ରାଜେଶ କୁମାର ଝା ହସ୍ତତନ୍ତ କ୍ଷେତ୍ରର ସଂରକ୍ଷଣ ଏବଂ ପ୍ରୋତ୍ସାହନ ପାଇଁ ଅନୁଷ୍ଠାନର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ ।ଏହି ଅବସରରେ ଏକ ଭବ୍ୟ ଫେସନ ଶୋ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ବୟନିକାର ମାର୍କେଟିଂ ମ୍ୟାନେଜର ଆର୍ତ୍ତରଂଜନ ମହାପାତ୍ର, ବୁଣାକାର ସେବା କେନ୍ଦ୍ର ଭୁବନେଶ୍ୱରର ଉପନିର୍ଦ୍ଦେଶକ ବିକାଶ କୁମାର ଶ୍ରଫ୍ ଓ ଲଣ୍ଡନ କଲେଜ ଅଫ୍ ଫ୍ୟାସନର ପ୍ରଫେସର ଡ. ସତ୍ୟ ଶଙ୍କର ବାନାର୍ଜୀ ବିଚ଼ାରକ ଭୂମିକା ନିର୍ବାହ କରିଥିଲେ। ଫ୍ୟାସନ ଓ ହସ୍ତତନ୍ତ ଶିଳ୍ପରେ ସେମାନଙ୍କ ଅବଦାନକୁ ସ୍ୱୀକାର କରି ଜୁରି ସଦସ୍ୟମାନଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଏହି ଫ୍ୟାସନ ସୋ'ରେ ପ୍ରାୟ ୨୬ ଜଣ ଛାତ୍ରଛାତ୍ରୀ ଓ ୩୫ ଜଣ ଅଧ୍ୟାପକଙ୍କ ସୃଜନଶୀଳତା ଓ ଅଭିନବତାକୁ ପ୍ରଦର୍ଶିତ କରାଯାଇଥିଲା।

## ଚ଼ାରୁ ଧ୍ୱଜ ଅଗ୍ରୱାଲଙ୍କୁ ମିଳିଲା ଓଡିଶା ଫ୍ରଣ୍ଟିୟର ମୁଖ୍ୟାଳୟ ବିଶେଷ ଅଭିଯାନ ପାଇଁ ବିଏସଏଫ ମହାନିରୀକ୍ଷକ ଦାୟିତ୍ୱ

ଭୁବନେଶ୍ୱର,୭ ।୮(ପି.ଏନ): ଚ଼ାରୁ ଧ୍ୱଜ ଅଗ୍ରୱାଲଙ୍କୁ ମହାରୀକ୍ଷକ ପଦକୁ ପଦୋନ୍ନତି ମିଳିଛି । ସେ ଫ୍ରଣ୍ଟିୟର ମୁଖ୍ୟାଳୟ ବିଶେଷ ଅଭିଯାନ ପାଇଁ ମହାନିରୀକ୍ଷକ ଦାୟିତ୍ୱ ତୁଲାଇବେ । ଶ୍ରୀ ଅଗ୍ରୱାଲ ହେଉଛନ୍ତି ବିଏସଏଫ (ଇଝର) ର ଜଣେ ବରିଷ୍ଠ ତଥା ସମ୍ମାନିତ ଜଣେ ସକ୍ଷମ ଅଧିକାରୀ । ତାଙ୍କର ଅଭିଜ୍ଞତା ଭିତ୍ତିକ କାର୍ଯ୍ୟ ପାଇଁ ସେ ବେଶ୍ ଜଣା ଶୁଣା ମଧ୍ୟ ।ସହାୟକ କମାଣ୍ଡେଣ୍ଟ ( ପ୍ରତ୍ୟେକ୍ଷ ପ୍ରବେଶ) ର ୧୯୮୯ ବ୍ୟାଚ଼ରେ ଜଣେ ପ୍ରତିଷ୍ଠିତ ଅଧିକାରୀ ଶ୍ରୀ ଅଗ୍ରୱାଲ ରାଷ୍ଟ୍ରୀୟ ସୁରକ୍ଷାରେ ମହତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ । ତାଙ୍କୁ ଓଡିଶାର ମାଲକାନଗିରିରେ ନକ୍ସଲ ଆତଙ୍କ ସମୟରେ ବିଏଏଫ (ଇଝର)ର ଉପସ୍ଥିତି ଜାହିର କରିବା ପାଇଁ ମଧ୍ୟ କାର୍ଯ୍ୟ କରିବାର ସୁଯୋଗ ପ୍ରାପ୍ତ ହୋଇଥିଲା । ସେହି ସମୟରେ ସେ



ଓଡିଶା ତଥା ମାଲକାନଗିରି ଅଞ୍ଚଳରେ ନକ୍ସଲଙ୍କ ଉପଦ୍ରବକୁ ଦମନ କରିବାରେ ମଧ୍ୟ ସଫଳ ହୋଇଥିଲେ ଓ ଶାନ୍ତି ପ୍ରତିଷ୍ଠା କରିଥିଲେ । ତାଙ୍କର ରଣନୈତିକ କୌଶଳ ମଧ୍ୟ ବେଶ୍ ପ୍ରଶଂସାଯୋଗ୍ୟ ।ଏବେ ସେହି ଚ଼ାରୁ ଧ୍ୱଜ ଅଗ୍ରୱାଲ ଫ୍ରଣ୍ଟିୟର ମୁଖ୍ୟାଳୟ ବିଶେଷ ଅଭିଯାନ ପାଇଁ ମହାନିରୀକ୍ଷକ ଦାୟିତ୍ୱ ସମ୍ଭାଳିବେ ଓ ଓଡିଶାକୁ ଶୀର୍ଷକୁ ନେଇ ଯିବେ ବୋଲି ଆଶା କରାଯାଉଛି । ତାଙ୍କ ଦାୟିତ୍ୱ ନେବାପରେ ଓଡିଶାରେ ତାଙ୍କ ନେତୃତ୍ୱରେ ଉତ୍କୃଷ୍ଟତା ଓ ସୁରକ୍ଷା ଉପାୟରେ ନବ ଆଶା ସଞ୍ଚାର ହେବ ବୋଲି ବୁଦ୍ଧିଜୀବୀ ମହଲରେ ଚ଼ର୍ଚ୍ଚା ହେଉଛି । ଶ୍ରୀ ଚ଼ାରୁଧ୍ୱଜଙ୍କ ନେତୃତ୍ୱରେ ଓଡିଶା ବିଏଏଫ ନିଜର କ୍ଷମତା ଓ ପରିଚ଼ାଳନାରେ ପ୍ରଭାବଶାଳୀ ହେବ ବୋଲି ମଧ୍ୟ ଜନସାଧାରଣ କହୁଛନ୍ତି । ଏହାବାଦ ଆତଙ୍କବାଦ ବିରୋଧୀ ଅଭିଯାନ ଓ ରଣନୀତି ପ୍ରସ୍ତୁତିରେ ମଧ୍ୟ ସେ ପାରଙ୍ଗମ । ତେବେ ଦେଖିବାକୁ ରହିଲା ଚ଼ାରୁ ଧ୍ୱଜ ଆସିବା ପରେ ଓଡିଶାର ପରିଚ଼ୟ ଓ ତାହାର ଉନ୍ନତିର ପତାକା କେତେ ସଫଳ ହେଉଛି ।

## ଆଇସିଏମଆର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ପୁରୀରେ ପ୍ରକଳ୍ପ କାର୍ଯ୍ୟକାରୀ କରିବ ଏମ୍ସ ଭୁବନେଶ୍ୱର

ଭୁବନେଶ୍ୱର,୭ ।୮(ପି.ଏନ): ଉନ୍ନତ ଜରୁରୀକାଳୀନ ଚ଼ିକିତ୍ସା ବ୍ୟବସ୍ଥାର ବିକାଶ ଲକ୍ଷ୍ୟରେ ଆଇସିଏମଆର ଏକ ଜାତୀୟ ସ୍ୱାସ୍ଥ୍ୟ ଅନୁସନ୍ଧାନ ପ୍ରାଥମିକତା ପ୍ରକଳ୍ପ ଆରମ୍ଭ କରିଛି। ଏହି ପ୍ରକଳ୍ପ ମାଧ୍ୟମରେ ଆମ ରାଜ୍ୟର ପୁରୀ ଜିଲ୍ଲା ସମେତ ଲୁଧିଆନା (ପଞ୍ଜାବ), ଭିଦିଶା (ମଧ୍ୟପ୍ରଦେଶ), ଭଦୋଦରା (ଗୁଜୁରାଟ) ଏବଂ ପଣ୍ଡିଚେରୀରେ ଜରୁରୀକାଳୀନ ଚ଼ିକିତ୍ସା ବ୍ୟବସ୍ଥା ପାଇଁ ଏକ ଉଚ୍ଚ-ଗୁଣାତ୍ମକ ରୋଗୀକେନ୍ଦ୍ରିକ ଏକିକୃତ ମଡେଲ ପ୍ରତିଷ୍ଠା କରାଯିବ ବୋଲି ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ



ପ୍ରକାଶ କରିଛନ୍ତି। ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ଉନ୍ନତି, ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀଙ୍କ ଦକ୍ଷତା ବୃଦ୍ଧି, ସୂଚ଼ନା ପ୍ରଯୁକ୍ତିବିଦ୍ୟା ଏବଂ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଯୁକ୍ତ ଉପକରଣ ଏବଂ ମ୍ୟାପିଂ ସୁବିଧା ଦ୍ୱାରା ଜରୁରୀକାଳୀନ ଚ଼ିକିତ୍ସା ବ୍ୟବସ୍ଥାର ଦୃଢ଼ୀକରଣ କରାଯିବାର ଲକ୍ଷ୍ୟ ରହିଛି। ଏଥିସହିତ ଆମ୍ବୁଲାନ୍ସ ସେବାରେ ଉନ୍ନତି, ଗୋଷ୍ଠୀର ଚ଼ାହିଦାକୁ ଦୃଷ୍ଟିରେ ରଖି ସେବା ପ୍ରଦାନ ଏବଂ ପ୍ରାଥମିକ ସ୍ତରର ସେବାପ୍ରଦାନକାରୀଙ୍କୁ ତାଲିମ ପ୍ରଦାନ ଆଦି ବ୍ୟବସ୍ଥା ରହିଛି। ହୃଦଘାତ, ମସ୍ତିଷ୍କାଘାତ, ସାପ କାମୁଡ଼ା, ବିଷପାନ, ଶ୍ୱାସକ୍ରୀୟାଜନିତ ଜରୁରୀକାଳୀନ ପରିସ୍ଥିତି ଏବଂ ନବଜାତକ ଓ ପ୍ରସବକାଳୀନ ଭଳି ସାତଟି ଗୁରୁତ୍ୱପୂର୍ଣ୍ଣ ଜରୁରୀକାଳୀନ ପରିସ୍ଥିତିକୁ ସମାଧାନ କରିବାରେ ଏହି ପ୍ରକଳ୍ପ ବେଶ ସହଯୋଗୀ ହେବା ନେଇ ଡ. ବିଶ୍ୱାସ ସୂଚ଼ନା ପ୍ରଦାନ କରିଛନ୍ତି।

## ଓଡିଶା ଚେଇଁ ଶୋଇଛି ଆନ୍ଧ୍ର ମାଡି ଚ଼ାଲିଛି

ପାରଳାଖେମୁଣ୍ଡି,୭/୮(ପି.ଏନ): ଗଜପତି ଜିଲ୍ଲାରେ ଓଡ଼ିଶାର କେନାଲ ଓ ଚେକ ଡ୍ୟାମର ପାଣିକୁ ନେଉଛି ଆନ୍ଧ୍ର ପ୍ରଦେଶ. ଏହାଦ୍ୱାରା ଆନ୍ଧ୍ରର ଚ଼ାଷ ଜମି ସୁଜଳା ସୁଫଳା ହୋଇ ବର୍ଷସାରା ବିଭିନ୍ନ ଫସଲ ଉତ୍ପାଦିତ ହୋଇ ଆନ୍ଧ୍ର ଚ଼ାଷୀମାନେ ମାଲାମାଲ ହେଉଛନ୍ତି. ଏଥିସହ ଓଡ଼ିଶାର ଜଳକୁ ବ୍ୟବହାର କରି ଆନ୍ଧ୍ର ଦେଉନି ଟିକସ. ଯଦ୍ୱାରା ଓଡ଼ିଶାର ରାଜସ୍ୱ କ୍ଷତି ହେଉଛି. କାଶୀନଗର ବ୍ଲକରେ ଜଳ ସେଚ଼ନ ବ୍ୟବସ୍ଥାକୁ ଫେଖିଲେ ଯେ କୌଣସି ବ୍ୟକ୍ତି ହେଲେ କହିବେ ନଦୀର ପାଣି ନଦୀରେ ଯାଉ ପିତୃ ଲୋକ ସନ୍ତୁଷ୍ଟ ହେଉ ନୀତିରେ ଚ଼ାଲିଛି । କାଶୀନଗର ବ୍ଲକ ରାୟଗଡା ଜିଲ୍ଲା ସୀମାରେ ରହିଛି, । ବଂଶଧରା ନଦୀ ଗଜପତି ଜିଲାରେ ୩୦ କିମି ବୋହୁଛି । ଏଠାରେ ଓଡିଶା ସରକାରଙ୍କ ତରଫରୁ ଚ଼ାରିଗୋଟି ମେଗାଲିଫ୍ଟ ସ୍ଥାପିତ ହୋଇଛି, ହାତ ଗଣତି କେତୋଟି ଲିଫ୍ଟ ବର୍ତ୍ତମାନ କାର୍ଯ୍ୟକାରୀ ହେଉଛି । ଯାହାକି ସମୁଦ୍ରକୁ ଶଙ୍ଖ ପାଣି । ଏତଦ ବ୍ୟତୀତ ଫୁଲିଗୁମ୍ପି ନାଳ, ମଙ୍ଗଳା ନାଳ, ବାତିପୋଇ ନାଳ, ଜିରୋ ଡ୍ୟାମ, ବଳଦା ନାଳ ଯାହାକି ଗଜପତିର ଗୁମ୍ମା ବ୍ଲକ ଅନ୍ତର୍ଗତ ଗାଇବା ଅଂଚ଼ଳରୁ ଆସୁଛି, ବୈଝାଲ ନାଳ, ଗୁମ୍ମା ନାଳ, ଏସବୁ ଚ଼ିରସ୍ରୋତା ନାଳ ରହିଥିଲେ ମଧ୍ୟ ଅନେକ ଚ଼ାଷୀ ବର୍ଷାଧାର ଉପରେ ନିଜର ଚ଼ାଷ କାର୍ଯ୍ୟ କରନ୍ତି ।କୃଷ୍ଣ ସାଗର, ସାରା ପାଖରେ ବଡ଼ ବନ୍ଧ ଓ ଛୋଟ ଛୋଟ ପୋଖରୀ ରହିଛି, ଅନେକ ଚେକ ଡ୍ୟାମ ଜରିଆରେ, ଓ ନାଳ ଗୁଡିକ ଆନ୍ଧ୍ରପ୍ରଦେଶର କଡୁମୁ, ବଳଦା, ମହାଦେଇ ପୁର, ଖୁରୀଗାଁ, ଡ଼ିମିଲି ଅଂଚ଼ଳରେ ରହିଥିବା ୨ ହାଜର ହେକ୍ଟର ଜମି ଜଳ ସେଚ଼ିତ ହୋଇ ବଳକା ପାଣି ନଦୀରେ ମିଶୁଛି । ସେପଟ ଆନ୍ଧ୍ର ଗୋଟା ବେରେଜ ଓ କାତ୍ରଗଡା ଠାରେ ଦୁଇଟି ଜଳ ସେଚ଼ନ ପ୍ରକଳ୍ପ କରି ତାଙ୍କ ଚ଼ାଷୀକୁ ଜଳ ଯୋଗାଉଥିବା ବେଳେ ଓଡିଶା ସରକାର ଏହାର ସ୍ଥାୟୀ ସମାଧାନ କରୁନାହାନ୍ତି । ଯାହାଫଳରେ କାଶୀନଗର ଚ଼ାଷୀ ଗୋଟିଏ ଧାନ ଫସଲ କରି ଚୁପ ହୋଇ ବସୁଛନ୍ତି ।








# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତୁଷ୍ୟପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯଷ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯଷ୍ୟନ୍ତ ବାକି ଅନଷ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଭଳି ଭାବେ ତାଙ୍କର ଶେଷ କୃତଷ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତଷ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତଷ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।




ବଲିଉଡରେ ଯେତେସବୁ ଅଭିନେତା ରହିଛନ୍ତି ସେମାନଙ୍କ ମଧ୍ୟରୁ ସବୁଠାରୁ ସେକ୍ସି ପୁରୁଷ ହେଉଛନ୍ତି ହ୍ରିତିକ ରୋଶନ। ଏକଥା ଆମେ କହୁଁ ନାହୁଁ ଇଂଲଣ୍ଡର ଏକ ମାଗାଜିନ୍ ପକ୍ଷରୁ ହୋଇଥିବା ସର୍ଭେର ରିପୋର୍ଟ କହୁଛି। ଇଂଲଣ୍ଡର ଏହି ପ୍ରମୁଖ ମାଗାଜିନ୍ ପକ୍ଷରୁ ପ୍ରତିବର୍ଷ ପୂରା ଏସିଆ ମହାଦେଶର ସେକ୍ସିଏଷ୍ଟ ପୁରୁଷଙ୍କର ତାଲିକା ପ୍ରକାଶ କରାଯାଇଥାଏ। ଚଳିତବର୍ଷର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ହ୍ରିତିକ। କିନ୍ତୁ ବଲିଉଡର ସମସ୍ତ ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରଥମ ସ୍ଥାନରେ ରହିଛନ୍ତି ହଲିଉଡ ସିଙ୍ଗର ଜୈନ ମଲ୍ଲିକ। ଏହି ତାଲିକାରେ ପାକିସ୍ତାନୀ ଅଭିନେତା ଫୱାଦ ତୃତୀୟ ସ୍ଥାନରେ ରହିଥିବା ବେଳେ ସଲମାନ ୫ମ, ଶାହିଦ ୭ମ ଏବଂ ରଣବୀର ସିଂହ ୧୦ମ ସ୍ଥାନରେ ରହିଛନ୍ତି। ଫିଲ୍ମ ଜଗତରେ ପ୍ରବେଶ ପରଠାରୁ ହିଁ ହ୍ରିତିକ ହଟ୍ ସେଲିବ୍ରିଟି ମାନଙ୍କ ମଧ୍ୟରେ ସାମିଲ ହୋଇଥିଲେ। କିଛିଦିନ ପୂର୍ବରୁ ସବୁଠାରୁ ହ୍ୟାଣ୍ଡସମ୍ ପୁରୁଷ ତାଲିକାରେ ମଧ୍ୟ ତୃତୀୟ ସ୍ଥାନରେ ରହିଥିଲେ ସେ। ସର୍ବଦା ନିଜର ଗ୍ଲାମରସ୍ ଲୁକ୍ ପାଇଁ ଦର୍ଶକଙ୍କ ପ୍ରଶଂସାର ପାତ୍ର ହେଉଅଛନ୍ତି ହ୍ରିତିକ।

## ପୁରାଣ କାହାଣୀ

# ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତ୍ରୁଘ୍ନ ଶୃତକୀରଟିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

# ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା । ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି । ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି । ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି । ନୃତ୍ୟ ଶେଷରେ ମଧ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି । ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି । ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ । କଳାକ୍ରିଷ୍ଣା ମଧ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି । ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି । କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି । ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି । ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ । ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି । ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ । ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଲାନ୍ତ ଅନୁଭବ କରି ନାହାନ୍ତି ।

## ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

# ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାର୍ଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ । ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି । ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ । କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ । ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିଷ୍ୟୁଟି ଫାଟିଯାଇଥିଲା । ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପ୍ରଚାର କରାଯିବ । ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ । ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ । ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ ।

# 'କର୍ଫି'ର ଚିତ୍ରକର ଅମିତା






ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ୍ୟ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କର୍ଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କର୍ଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ୍ୟ ଅନେକ ଚିତ୍ର ଆଙ୍କିଛନ୍ତି। କର୍ଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ୍ୟ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶ୍ରୁତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ । ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ । ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ । ଏହା ମାଟିକୁ ଉର୍ବର କରେ ।

-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ । ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ । ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ ।




# —'ପ୍ରହେଳିକା'—

ଓହୋ! ଆଜି ଟିକେ ମନଟା ଶାନ୍ତି ପାଇଲା, ମୁଁ ମୋ ସ୍ୱାମୀ କୁମାରଙ୍କ ସହ ଗାଁରୁ ଫେରିଲି, ଘର ଗଳି ମୋଡରୁ ମୁଁ କାର୍ କାଚ ଖୋଲି ବାସ୍ ଚାହିଁ ରହିଥିଲି ମୋ ପାଖ ଫ୍ଲାଟଟିକୁ ଦେଖିବି। ସେଟା ଘର କମ୍, ପାର୍କ ବେଶୀ ଲାଗେ, ସେ ବଗିଚାର ରଙ୍ଗ ବେରଙ୍ଗୀ ଫୁଲ, ଗଛ, ମହ ମହ ବାସୁଥିବା ମଲ୍ଲି, ଚମ୍ପା ଆଦି ଯେମିତି ମତେ ଖତେଇ ହୁଅନ୍ତି। ହେଲେ ଆଜି ଆଠ ଦିନ ପରେ ଗାଁରୁ ଫେରି ନିଜ ଘର ଆଡେ ନଦେଖି ପାଖ ଘରକୁ ତନଖି କରି ଦେଖିଲି, ଫୁଲ ଗଛ ସବୁ ଝାଉଁଳି ପଡିଛି, ଗେଟ୍‌ରୁ ଘର ଯାଏଁ ପଡିଥିବା ଟାଇଲ୍ ସୁଖିଲା ପତ୍ରରେ ଭରା। ମତେ ଭାରି ଶାନ୍ତି ଲାଗିଲା, ମୋ ଚେହେରାର ସ୍ମିତ ହସ ଦେଖି କୁମାର ପଚାରିଲେ କ'ଣ ନିଜ ଘର ଦେଖି ଖୁସି ହଉଛ? ମୁଁ କିନ୍ତୁ ମୋ ଖୁସିର କାରଣ ଟା କହିଲି ନାହିଁ, କାରଣ ଆଗରୁ ବହୁଥର ସେ ପାଖ ଘର କଥା କହି ମୋ ସ୍ୱାମୀଙ୍କ ଠାରୁ ପ୍ରବଚନ ଶୁଣି ସାରିଛି। ତେଣୁ ଚୁପ୍ ରହିବା ଶ୍ରେୟ ମଣିଲି।

ମୁଁ ମାନସୀ ଭୁବନେଶ୍ୱର ପୁଣି ଶହିଦନଗରରେ ତିନି ମହଲା କୋଠାର ମାଲିକାଣୀ। ମୋ ଘର ଅଗଣାରେ ବି ବହୁତ ଖାଲି ଜାଗା, ଉପର ଘର ଭଡାଟିଆ ରୁହନ୍ତି, ମୋ ପାଖ ଘରଟା ମୁଁ ଘର ତୋଳିବା ଆଗରୁ ଥିଲା। କେହି ଯିବା ଆସିବା କେବେ ଦେଖିନଥିଲି। ମୋର ଏ ଘରେ ରହିବା ପ୍ରାୟ ୧୦ ବର୍ଷ ହେଲାଣି। ପିଲାମାନେ ବଡ ହୋଇ ଯେଝା ସଂସାର ଧରି ବଡ ବମ୍ବେରେ ତ ସାନ ବାଙ୍ଗାଲୋର୍‌ରେ। ମୋ ସ୍ୱାମୀ ରିଟାୟର୍ଡ୍ ପ୍ରଶାସନିକ ଅଧିକାରୀ। ମୋ ଶାଶୁ ଘରେ ବି ମୋରି ରାଜୁତି, କାରଣ କୁମାର ବାପା ମା'ଙ୍କର ଏକମାତ୍ର ପୁଅ । ମୋର କେମିତି ବାହାଘର ହେଲା, କେତେ ଧନ ସମ୍ପତି ମୋ ବାପା ଦେଇଥିଲେ ଏ ସବୁ ମୁଁ ଆମ କାମବାଲି ମାଧ୍ୟମରେ ଆମ ପର ଆଖ ପାଖରେ ପହଂଚାଇ ଦେଇଛି। ତା'ପରେ ଲାଗେ ସମସ୍ତେ ମତେ ଖୁବ୍ ସମ୍ମାନ ଭରା ଚାହାଣୀରେ ଦେଖନ୍ତି। ପାଖ ଘରଟା ବାସ୍ ଗୋଟେ ମହଲା ଘର, ମୋର ସେ ଗଳିର ଦ୍ୱିତୀୟ ଘର, ଉତରା ପବନ ମୋ ଘରକୁ ବେସ୍ ସୁରୁ ଖୁରୁରେ ଆସେ। ହଠାତ୍ ଦିନେ ସକାଳୁ ଗୋଟେ ଟ୍ରକ୍ ଆସି ରହିଲା। ଧୁମ୍ ଧାମ୍ ଶବ୍ଦରେ ଝରକା ବାଟେ ଦେଖିଲି ସେ ପାଖ ଘରେ ଲୋକ ଆସିଛନ୍ତି ରହିବାକୁ। ସନ୍ଧ୍ୟା ଯାଏଁ ଘରେ ଲୋକ ଯିବା ଆସିବା ଲାଗିଥିଲା ସେ ଘରକୁ। ମନେମନେ ସ୍ଥିର କଲି କାଲି ଯାଇ ସେ ଘରେ କିଏ ରହିଲେ, ସବୁ ବୁଝିବି, ମୋ ଘର କାମବାଲି ଟିକେ ଡେରିରେ ଆସେ। ସେ ଆସିଲେ ତାକୁ ପଠେଇ ସେ ଘର ଲୋକ ଭଡାଟିଆ ନା ନିଜେ ମାଲିକ ବୁଝିନେବି, ଏମିତି ଭାବୁ ଭାବୁ ଚା' କରୁଥିଲି, ରୋଷେଇ ଘର ଝରକା ବାଟେ ଦେଖିଲି ସେ ଘର ଗେଟ୍ ଖୋଲି ଗୋଟେ ମଧ୍ୟ ବୟସ୍କା... ନା' ବୋଧେ ତିରିଷ କି ବତିଷ ବର୍ଷର ବେଶ୍ ଡେଙ୍ଗା, ଗୋରା, ସ୍ତ୍ରୀ ଲୋକଟିଏ କାନ୍ଧରେ ଭ୍ୟାନିଟ୍ ବ୍ୟାଗ ପକାଇ ମୋ ଘର ଆଗଦେଇ ଚାଲିଗଲା। ମୋର ଏଡେ ବଡ ସୁନ୍ଦର ଘର ଆଡେ ଟିକେ ଅନେଇଲାନି ମଧ୍ୟ। ଛାଡ କାମବାଲି ଆସୁ, ସବୁ ଖବର ବୁଝିବି। ବେଶ୍ କିଛି ସମୟ ପରେ ଛବି (ମୋ କାମବାଲି) ଆସିଲା, ସେ ଆସୁ ଆସୁ ତାକୁ ପଠେଇଲି ଯା ପାଖ ଘରେ ବୁଝି ଆସିବୁ କିଏ ରହିଲେ, କ'ଣ କରନ୍ତି ଇତ୍ୟାଦି। ସେ ବି ଖୁବ୍ ଆଗ୍ରହରେ ଗୋଟେ ନୂଆ ଘରେ କାମ ପାଇବା ଆଶାରେ ଚାଲିଲା ତାଙ୍କ ଘର ଆଡେ। ହେଲେ ଦୁଇ ମିନିଟ୍‌ରେ ଫେରି ଆସି କହିଲା ମା' ଘରେ ତ ତାଲା ପଡିଛି, ଆଉ ଗେଟ୍‌ରେ ନାମଫଳକ ବି ନାହିଁ ବାସ୍ ଲେଖା ହୋଇଛି "ଶହିଦ୍ ଭବନ"। ଶୁଣୁ ଶୁଣୁ ମୋ ପାଟିରୁ ବାହାରିଲା ଏ କି ନାମ! ମୋ ଘର ନାମ "ସ୍ୱାତୀ ନିଳୟ", ମୋ ଶାଶୁଙ୍କ ନା। ଆଉ ଏ କି ଲୋକ ଯେ ଏମିତି ଗୋଟେ ଅପଦସିଆ ନାଁ ଦେଇଛନ୍ତି କେଜାଣି। ଦିନସାରା ମୋର ଟିଭି ସିରିଏଲ, ୟୁ ଟ୍ୟୁବ୍‌ରେ କଟିଲା। ଯେମିତି ପାଂଚ ବାଜିଲା ମୁଁ ମୋ ଘର ବାରଣ୍ଡାରେ ଲାଗିଥିବା ଦୋଳାୟମାନ ଚେୟାରରେ ଆସି ବସି ପଡିଲି। ସେ ପାଖ ଘର ମହିଳା ବୋଧେ କର୍ମଜୀବି, ସେ ଫେରିଲେ ନିଶ୍ଚୟ ମୋର ଏ ବିଶାଳ ଅଟାଳିକା ଆଡେ ଚାହିଁବେ, ଆଉ ମୁଁ ମୌକା ଦେଖି ତା ନାଁ -ଗାଁ ସବୁ ବୁଝିନେବି, ସନ୍ଧ୍ୟା ଗଡିଲାଣି ହେଲେ ସେ ମହିଳାର ଦେଖାନାହିଁ। ବାସ୍ ଉଠି ଘର ଆଡେ ମୁହାଁଇଲା ବେଳକୁ ସେ ମୋ ଗେଟ୍ ସିଧାରେ, ମୁଁ ବାସ୍ ତାକୁ ଚାହିଁ ରହିଲି କି ସେ ମୋ ଘର ଆଡେ ଚାହିଁଲେ ମୁଁ ଗୋଟେ ହସ ଦେବି ଯେ, ସେ ବଳେ ଠିଆ ହେଇ ନମସ୍କାର କରି ଆପେ ଆପେ ତା' ପରିଚୟ ଦେଇ ଦେବ। ହୁଏତ ମୋ ଠାରୁ କିଛି ଟିପ୍ସ ନେଇ ପାରେ। ହେଲେ ସେମିତି କିଛି ହେଲାନି, ସେ ନିର୍ବିକାର ଭାବେ ତା' ଘର ଭିତରକୁ ଚାଲିଗଲା, ମୁଁ ମନେ ମନେ କହିଲି କି ଗର୍ବି ସ୍ତ୍ରୀ ଲୋକଟା, ହାତରେ ଚୁଡି ନାହିଁ କି ମଥାରେ ସିନ୍ଦୁର ନାହିଁ, ବୋଧେ ଅଭିଆଡିଟେ। ହଉ କାଲି ଛବି ଆସୁ! ମୁଁ ମୋ ଘର କାମରେ ଲାଗିଲି, ତା' ପରେ ମୋ ଚିରା ଚରିତ ସିରିୟଲ ଦେଖା। କୁମାର କ୍ଲବ ଯାଇଥିଲେ, ଫେରୁ ଫେରୁ କହିଲେ ଦେଖିଲଣି ମାନସୀ ପାଖ ଘର ଆଗରେ ଟ୍ରଲି ରିକ୍ସାରେ କେତେ ଫୁଲ କୁଣ୍ଡ, ଗଛ ଚାରା! ମୁଁ ବି ଝରକା ପାଖକୁ ଯାଇ ଦେଖିଲି, ସେ ସ୍ତ୍ରୀ ଲୋକଟି ଚୁଡିଦାର କମିଜ୍‌ଟେ ପିନ୍ଧି ଘର ବାରଣ୍ଡାରେ ଠିଆ ହେଇଛି, ତା' ପାଖରେ ହ୍ୱିଲ୍ ଚେୟାରରେ ଜଣେ ବୟସ୍କ ପୁରୁଷ, ମନେ ମନେ ଭାବିଲି ବାପ-ଝିଅ ହେଇଥିବେ, ହେଲେ ଏତେ ଗୁଡେ ଲାଇଟ୍ କ'ଣ ଲଗେଇଛନ୍ତି ପୁରା ରାସ୍ତା ଯାଏଁ ଆଲୁଅ ପଡୁଛି! ମୁଁ ତ ପୁରା ଏ ମାମଲାରେ ସିରିୟସ୍। ଯେତିକି କମ୍ ଲାଇଟ୍-ଫ୍ୟାନ ଓ ଟେମ୍ପରେଚର ୪୦ ଡିଗ୍ରୀ ନ ଟପିବା ଯାଏଁ ଏସି ବି ଲଗାଏନି। ସେମିତି ତାଗିଦ୍ ବି ଭଡାଟିଆଙ୍କୁ କରିଛି। ନା' ଲାଇଟ୍ ବାବଦରେ ନୁହେଁ, ସେମାନେ ବିଲ୍ ଦଉଛନ୍ତି, ଜାଳନ୍ତୁ କେତେ ଜାଳିବେ। ପାଣି କିନ୍ତୁ ଦେଖି ଚାହିଁ ଖର୍ଚ୍ଚ କରିବେ କାରଣ ପାଣିଟା ମାଗଣା ଦେବା ଲାଗି ଚୁକ୍ତି କରିଛି ପରା। ହେଲେ ଏ ପାଖ ଘର "ଶହିଦ୍ ଭବନ" ବାଲା କ'ଣ ପାଗଳ କି? ଏତେ ଲାଇଟ୍, ପୁଣି ଏତେ ଗଛ ଯଦି ଲଗେଇବେ କେତେ ପାଣି ସାରିବେ, ହଉ ତାଙ୍କର ବିଲ୍ ଉଠିବ ମୋର କ'ଣ ଅଛି। ମୁହଁକୁ ବୁଲେଇ ରାତି ଖାଇବା ଲାଗି ବସିଲୁ। କୁମାର ଥଟ୍ଟା କରି କହିଲେ କ'ଣ ପାଖ ଘର ଲୋକେ ତମ ପ୍ରତିପତି ଜାଣିଲେଣି ନା ନାହିଁ? ମୁଁ ବିରକ୍ତ ହେଇ ଚୁପ୍ ହିଁ ରହିଲି। ଏମିତି ତା' ପରଦିନ ଛବିକୁ ପଠାଇଲି, ସେ ଘର ବିଷୟରେ ବିସ୍ତୃତ ବିବରଣୀ ଆଣିବା ସହ ମୋ ବିଷୟରେ ଟିକେ କହିବ ବୋଲି। ସେ ବେଶ୍ ଅଧ ଘଂଟା ପରେ ଫେରିଲା, ହସ ହସ ମୁହଁରେ କହିଲା ମା' ସେ ଘର ଦିଦି ବହୁତ ଭଲ। ମତେ ଚୌକିରେ ବସିବାକୁ ଦେଲେ, କଫି ବି ଦେଲେ। କାମ କଥା ମନା କଲେ କିନ୍ତୁ କହିଲେ ବଗିଚା କାମରେ ଟିକେ ସାହାଯ୍ୟ କରିବ କି? ମୁଁ ହଁ କହିଲି, ତାଙ୍କ ବାପାଙ୍କ ଆଡେ ଚାହିଁ ପଚାରିଲେ ବାପା ଦିନ ସାରା ଘରେ ଏକଲା ଲାଗୁଛି କି ଏଠି? କହିବେ ତ ମୁଁ ଛବି ଭଉଣୀକୁ କହି କାହାକୁ ଘରେ ସନ୍ଧ୍ୟା ଯାଏଁ ରଖିଦେବା। ବାପା ତାଙ୍କର ବି କେତେ ଭଲ, କହିଲେ ନା' ମା ତୁ ତ ସବୁ ହାତ ପାଖେ ଖଞ୍ଜି ଦେଇ ଯାଉଛୁ। ଏ ଝିଅଟି ବାସ୍ ବଗିଚା ଟିକୁ ରଙ୍ଗରେ ଭରିବାରେ ସାହାଯ୍ୟ କଲେ ବହୁତ। ମୁଁ ଅଧାରୁ ତାକୁ ଚୁପ୍ କରେଇ ଟିକେ ରୁକ୍ଷ ଗଳାରେ କହିଲି, ହେ କହ ତା' ନାଁ କ'ଣ? ବାହା ହେଇଛି କି ନା, କି ଚାକିରୀ... ଆଉ ମୋ ବିଷୟରେ କହିଲୁ କି ନାହିଁ। ଛବିର ହସ ବନ୍ଦ ହେଇଗଲା, କହିଲା ମା' ସେ ଦିଦିର କଥା ଏତେ ସୁନ୍ଦର ଯେ, ମୁଁ ସବୁ ଭୁଲିଗଲି, ହଉ କାଲି ସନ୍ଧ୍ୟା ୫ଟାରେ ତାଙ୍କ ସହ ବଗିଚା କାମ କଲାବେଳେ ବୁଝିନେବି। ବେସ୍ ଛଅଟା ମାସରେ ସେ ବଗିଚା ଗୋଟେ ପାର୍କ ହେଇସାରିଥିଲା। ତା'ର ଖାଲି ନା'ଟି ଛବି ବୁଝିଥିଲା "ସୁଜାତା" ବାକି ସେ କୁଆଡେ କଥା ବେଶି ହୁଏନି। ଛଅ ମାସରେ ବହୁ ଚେଷ୍ଟା ସତ୍ୱେ ସୁଜାତା ଥରେ ବି କଥା ହେଲାନି, ବାସ୍ ତାକୁ ଘରୁ ୯.୩୦ରେ ଯିବା ଓ ୫ ଟାରେ ଫେରି ସନ୍ଧ୍ୟା ୭ଟା ଯାଏଁ ବଗିଚାରେ ଦେଖେ। ରବିବାର ତ ସେ ବାପ-ଝିଅ ଦିନ ସାରା ବଗିଚା କାମରେ ଲାଗିପଡନ୍ତି। ବସନ୍ତ ଋତୁ କ'ଣ ବୋଧେ ମୁଁ ପ୍ରଥମ ଥର ଅନୁଭବ କଲି। ଛାତ ଉପରୁ ତା ବଗିଚାକୁ ଦେଖେ, କେତେ ଫୁଲ, କେତେ ରଙ୍ଗ ବେରଙ୍ଗ ଗଛ। ବାସ୍ନା ବି ଏମିତି ଖେଳେଇ ହେଇଯାଏ କି ମୋ ତିନି ମହଲା ଛାତ ଯାଏଁ ପହଚେଂ। ସେତେବେଳେ ମୁଁ ମୋ ବଗିଚାକୁ ଦେଖେ ୪ ଟା ନଡିଆ ଗଛ। ଆଉ ତା ବଗିଚାରେ ମହ ମହ ବାସ୍ନା ଓ ମୋ ଭଡାଟିଆଠାରୁ ସ୍ୱାମୀ ପର୍ଯ୍ୟନ୍ତ ତା'ର ବଗିଚାର ପ୍ରଶଂସା ମତେ ଯେମିତି କଂଟା ଫୋଡିଲା ଭଳି ଲାଗୁଥିଲା। ମନେ ମନେ କହୁଥିଲି ସୁଜାତା ନା' ରହସ୍ୟମୟୀ। ଏମିତି ଦିନେ ଅଦିନିଆ ଝଡ ବର୍ଷା ହେଲା, ମୁଁ ପବନ ଦେଖି ଖୁସିରେ ଠାକୁରଙ୍କୁ ଧନ୍ୟବାଦ ଦେଲି, ଏଥର ତା ବଗିଚା ଗଲା, ପ୍ରଭୁ ମୋ କଥା ଶୁଣିଲେ। ବଡ ଆନନ୍ଦରେ ରାତି ପାହିବା ଅପେକ୍ଷାରେ ବହୁତ ଡେରିରେ ଶୋଇଲି। ସକାଳୁ ବି ଟିକେ ଡେରି ହେଲା ଉଠିବାରେ । ଉଠି ଦେଖିଲି ମୋ ସ୍ୱାମୀ ବାରଣ୍ଡାରେ କାହାକୁ ଫୋନ୍‌ରେ ଅନୁରୋଧ କରୁଛନ୍ତି, ଯେମିତି ହଉ ୨ଟା ମୁଲିଆ ଦରକାର। ଗଛ ପଡି ରାସ୍ତା ଅବରୋଧ। ମୁଁ ଭିତରୁ ହିଁ ବଡ ପାଟିରେ କହିଲି ତମର ଏତେ କାହା ଲାଗି ଦରଦ ଦେଖେଇବା ଦରକାର ନାହିଁ, ସେ ପାର୍କ କରି ମତେ ଖତେଇ ହେଉଥିଲା, ଏବେ ନିଜେ ଭୋଗୁ। କୁମାର ରାଗି ଉଠି ଫୋନ୍ କାଟି, ମୋ ହାତଧରି ବାରଣ୍ଡାକୁ ଟାଣି ନେଲେ କହିଲେ ଦେଖ....ମୁଁ ତାଟକା ମୋ ଅଗଣାର ନଡିଆ ଗଛରୁ ୨ଟା ମୁଳରୁ ଉପୁଡି ଏମିତି ପଡିଛି ଯେ ଗେଟ୍ ଖୋଲିବା ବି ଅସମ୍ଭବ। ତଥାପି ମୁଁ ଗୋଡ ଟେକି ସେ ଶହିଦ ଭବନ ଆଡେ ଚାହିଁଲି, ଆରେ ଏ କ'ଣ ସେ ସୁଜାତା ଓ ଛବି ଗଡି ପଡିଥିବା କୁଣ୍ଡ ଗୁଡା ସଜାଡୁଛନ୍ତି, ଆଉ ବାକି ରକମ୍ ରକମ୍ ଫୁଲ ଗଛ ସେମିତି ମତେ ଚାହିଁ ଖତେଇ ହଉଛନ୍ତି। ମନ ମାରି ରହିଲି, ଭଡାଟିଆ ମାନେ ବି ଗୋଟେ ଗୋଟେ କରି ସିଆଡେ ଢ଼ଳିଲେଣି, କିନ୍ତୁ ମୁଁ ତ ସଂଭ୍ରାନ୍ତ ଘରର, ପୁଣି ମୋ ସ୍ୱାମୀ ପ୍ରଶାସନିକ ଅଧିକାରୀ ଥିଲେ ମୁଁ ବା କାହିଁକି ମୋ ଆଡୁ ଯିବି! ସେ ଆସୁନି। ବାସ୍ ଏତିକି କନଫର୍ମ ହେଇଥିଲି ସେ ଭଡାଟିଆ ନୁହେଁ, ସେ ବୁଢ଼ା ଘର ମାଲିକ। ବୁଢ଼ା ତ ହ୍ୱିଲ୍ ଚେୟାରରେ ସେଥିଲାଗି ବଢ଼ିଲା ଝିଅକୁ ବୋଧେ ବାହା ନ ଦେଇ ଘରେ ରଖିଛି।

ଦିନେ ସାହସ କରି ପାଚେରି ଏପଟୁ ପାଟି କରି କହିଲି, ଆଜ୍ଞା ମୋ ପାଚେରି ଆଡେ ଆପଣଙ୍କ ଫୁଲ ଲଟା ମାଡୁଛି, ତାକୁ ନିଜ ପଟେ ରଖ, ନ ହେଲେ ଲୁଣ ପାଣି ଢାଳିଦେବି, ସେ କିଛି କହିଲାନି ବାସ୍ ଚାହିଁଲା ଆଉ କହିଲା ହଉ ଆଜ୍ଞା ମୁଁ କାଢ଼ିଦେବି, ସେମାନେ ତ ଗଛ, ସେ ବା କ'ଣ ଜାଣନ୍ତି ବନ୍ଧ ବାଡ! ହଉ କ୍ଷମା କରିବେ। ତା' ପରେ ଆଉ ସେ କେବେ ନା କଥା ହେଇଥିଲା, ନା ମତେ ମୌକା ଦେଲା କିଛି କହିବାକୁ। ମୋର ମୋ ସ୍ୱାମୀଙ୍କ ସହ ଗାଁକୁ ଯିବାର ଥିଲା, ତ ଛବିକୁ ୧୦ ଦିନ କାମକୁ ନ ଆସିବାକୁ କହି, ଫେରିଲେ ତୋ ଲାଗି ଶାଢ଼ି ଆଣିବି କହିଲି, ସେ ବି ଭାରି ମୁହଁ ଖୋର୍ ସଙ୍ଗେ ସଙ୍ଗେ କହିଲା ନା ମା ଥାଉ, ସୁଜାତା ଦିଦି ଏବେ ୪ ଖଣ୍ଡ ଭଲ ଲୁଗା ଦେଇଛନ୍ତି, ତାକୁ ମୁଁ ବାହା-ବଜାର ଗଲେ ପିନ୍ଧୁଛି। ଆପଣ ଯେଉଁ ଲୁଗା ଦିଅନ୍ତି ସେ ଗୁଡା ବେଶିଦିନ ଘରେ ବି ପିନ୍ଧି ହୁଏନି। ମୁଁ ନିଜକୁ ହାରିବା ଦେଖି ପାରିବିନି, ତ ଛବିକୁ ଧମକଟେ ଦେଲି ଏତେ ଭଲ ସେ ଦିଦି ତ ମୋ ଘର ଓ ମୋ ଭଡାଟିଆଙ୍କ ଘର କାମ ଛାଡି ଦଉନୁ। ସେ ଗୋଡ କଟି ରୋଷେଇ ଘରକୁ ଚାଲିଗଲା। ସକାଳୁ ଆମେ ଦମ୍ପତି ବାହାରେ ବସି ଚାହା ପିଉ। ହେଲେ ଏ ତିନି ମାସରେ ସେ ଶହିଦ ଭବନ ରୁ ଭାସି ଆସୁଥିବା ରକମ-ରକମ ଫୁଲର ବାସ୍ନା ମତେ ଭାରି ଅଣନିଶ୍ୱାସୀ କରି ପକାଉଛି। ଥରେ ଥରେ ତ ତାଙ୍କ ପାଚେରୀ ପାରି ହେଇ ବାଇଗଣୀ ଅପରାଜିତା ଲତା ମୋ ଆଡେ ମାଡି ଆସନ୍ତି ତ ମୁଁ ସିଧା କଇଁଚି ଧରି କାଟି ସେ ଲତା ସବୁ ତାଙ୍କ ପଟକୁ ଫିଙ୍ଗିଦିଏ। ମୁଁ ବାସ୍ ଏସବୁ କରେ କି ସେ ସୁଜାତା ମୋତେ କିଛି କହୁ ଆଉ ମୁଁ ବିଜୟୀ ହେବାର ସ୍ୱାଦଟା ଚାଖେ। ହେଲେ ସେ ଆଉ ତାର ସେ ବୁଢ଼ା ବାପା କିଛି କୁହନ୍ତିନି ବରଂ ହାତ ଯୋଡି ଗଛକୁ କ୍ଷମା ମାଗନ୍ତି, ଗଛ ସହ କଥା ହୁଅନ୍ତି ସତେ କି ତାଙ୍କ ଛୁଆ। ମୋର ଶାଶୁଙ୍କ ଶ୍ରାଦ୍ଧ ଲାଗି ଜାନୁଆରୀ ଶେଷରେ ଗାଁକୁ ଯିବାଟା ଦଶ ବର୍ଷର ଗୋଟେ ରୁଟିନ୍। ଜାନୁଆରୀ ଶେଷ ଶେଷ ଆଉ ତାଙ୍କ ବଗିଚା ଥଣ୍ଡା ପାଗରେ ବେଶ୍ ଫୁଲ ମୟ।

ହେଲେ ଆଜି ୧୦ ଦିନ ପରେ ଫେରି ତା' ବଗିଚା ଅବସ୍ଥା ଦେଖି ବେଶ୍ ଖୁସି ହେଲି। ସନ୍ଧ୍ୟା ଟା ଦେଇସାରି ଛବିକୁ ଫୋନ୍ କଲି ସେ ତୋ ସୁଜାତା ଦିଦି କୁଆଡେ ଗଲେ କି? ଆଉ ତୁ କ'ଣ ତା' ବଗିଚା ଦେଖା ଶୁଣା କରୁନୁ କି? ସେ ବହୁ କଷ୍ଟରେ କହିଲା ମା' ମୋ ଦେହ ବହୁତ ଖରାପ, ସୁଜାତା ଦିଦି ଆଉ ତାଙ୍କ ବାପା ଦିଲ୍ଲୀ ଯାଇଛନ୍ତି ବୋଲି କହିଥିଲେ। ମୁଁ ତା କଥା ଅଧାରେ, ରଖି କହିଲି ହଁ ଦିଲ୍ଲୀ ପ୍ରଧାନ ମନ୍ତ୍ରୀ ଡାକିଥିବେ ତାକୁ ଏମିତି ପାର୍କଟେ କରିଛି ବୋଲି! ହୁଁ ଗାଁକୁ ଯାଇଥିବ, ଲାଜ ଲାଗିବ ବୋଲି ଦିଲ୍ଲୀ କହିଛି, ହଉଛାଡ ତୁ କାଲିଠାରୁ ଆସିଯିବୁ ମୁଁ ଫେରି ଆସିଲିଣି।

ହଠାତ୍ ମୋ ସ୍ୱାମୀ ପାଟି କରି ଡାକିଲେ ଏ ମାନସୀ ଜଲଦି ଆସ, ନିଉଜ ଦେଖ..... ଦେଖ.....ମୁଁ ଅନିଚ୍ଛାରେ ଗଲି, ନିୟୁଜ୍‌ର ଭଲ୍ୟୁମଟା ବଢ଼ାଇ ଦେଲେ ସେ। ଆରେ ଏ କ'ଣ ରାଷ୍ଟ୍ରପତି ଭବନର କ'ଣ ଗୋଟେ ପ୍ରୋଗ୍ରାମ, ଏଁ ଆଗ ଧାଡିରେ କ'ଣ ସେ ସୁଜାତାର ବୁଢ଼ା ବାପା ହ୍ୱିଲ୍ ଚେୟାରରେ! ମୁଁ ଲଥ୍ କିନା ବସିଗଲି, କାନରେ ଠାଏ ଠାଏ ବାଜୁଥାଏ ଓଡିଶା ମାଟି ଗର୍ବିତ ମେଜର ମନୋଜ ମହାନ୍ତିଙ୍କୁ ପାଇ। ଦେଶ ଲାଗି ଲଢ଼ି ସେ ବମ୍ବେଠାରେ ହୋଇଥିବା ସନ୍ତ୍ରାସବାଦୀଙ୍କ ଗୁଳିମାଡରେ ଟଳିପଡିଲେ, ବାପ-ମାଙ୍କ ଏକମାତ୍ର ପୁଅ, ବାସ୍ ତିନି ମାସର ବୈବାହିକ ଜୀବନ, ସବୁ ପଛରେ ପକାଇ ମେଜର ମନୋଜ ଦେଶ ଲାଗି ଶହିଦ୍ ହୋଇଗଲେ, ଯାହାଙ୍କ ତ୍ୟାଗ ଯୋଗୁ ବମ୍ବେର ଅନେକ ବଡ ବଡ ଧ୍ୱଂସ ହେବାରୁ ରକ୍ଷା ପାଇଗଲା, ତାଙ୍କର ଧର୍ମପତ୍ନୀ ସୁଜାତା ମହାନ୍ତିଙ୍କୁ ରାଷ୍ଟ୍ରପତି ତାଙ୍କ ସ୍ୱାମୀଙ୍କ ପରମବୀର ଚକ୍ର ପ୍ରଦାନ କରୁଛନ୍ତି। ମୋ ଆଖିରୁ ଲୁହ ଝରିବାକୁ ଲାଗିଲା, ସୁଜାତା ମଠା ଶାଢ଼ୀ ସେମିତି ଠାକୁରାଣୀ ପରି ଚେହେରା, ନିର୍ବିକାର ନା ହସ ନା କାନ୍ଦ ରାଷ୍ଟ୍ରପତିଙ୍କଠାରୁ ସ୍ୱାମୀଙ୍କ ଲାଗି ଏତେବଡ ପୁରସ୍କାର ଗ୍ରହଣ କରୁଥିଲା, ଟିଭି ବାଲା ବି ଜୁମ୍ କରି ତା' ମୁହଁ ଆଡେ କ୍ୟାମେରା ଟା କରିଦେଲେ, ତା' ଆଖି ଯେମିତି ମୋ ଆଖିରେ ମିଶି ଯାଉଥାଏ, ଯେମିତି ଏ ଆଖି ମୋତେ ଅନେକ ପ୍ରଶ୍ନ ପଚାରୁଛି, ମୁଁ ଭୋ ଭୋ କି କାନ୍ଦିବାକୁ ଲାଗିଲି, ମୋ ସ୍ୱାମୀ ହତବାକ୍ ହେଇ ପଚାରୁଥିଲେ କ'ଣ ହେଲା ମାନସୀ? ମୁଁ ସେମିତି କାନ୍ଦି କାନ୍ଦି କହୁଥିଲି ଆମ ନାତି ଯେଉଁ ସ୍କୁଲରେ ପଢୁଛି, ସେ ସ୍କୁଲକୁ ସନ୍ତ୍ରାସବାଦୀଙ୍କ କବଳରୁ ଏଇ ମେଜର ମନୋଜ ହିଁ ରକ୍ଷା କରିଥିଲେ। ସେ ମରି ମୋ ନାତି ପରି କେତେ ଛୁଆଙ୍କୁ ଜୀବନ ଦେଲେ। ଧିକ୍ ମୋ ଜୀବନ, ମାତ୍ର ତିନିମାସର ବିବାହିତା ଗୋଟେ ଶହିଦ୍‌ର ବିଧବା ଆଉ ଶ୍ୱଶୁରଙ୍କ ଦାୟିତ୍ୱ ନେଇ ବାସ୍ ନିଜ ଗଛ ଲତାକୁ ନିଜ ଛୁଆ ଭଳି ସ୍ନେହ ବାଢୁଛି, ବାସ୍ ନିଜ ଭିତର ଦୁଃଖକୁ ରଙ୍ଗ ବେରଙ୍ଗ ଫୁଲ ବଗିଚାରେ ଭରି ସେ ତା ଜୀବନର ବେରଙ୍ଗତାକୁ ଲୁଚାଇ ଚାଲିଥିଲା ଆଉ ମୁଁ କେତେ ନିଚ କଥା ସବୁ ଛି....ଛି.....

ବାସ୍ ସକାଳୁ ଉଠି ଆଉ ଚା ନ କରି ମୋ ସ୍ୱାମୀଙ୍କୁ ଡାକିଲି ଆସ, ସେ ପଚାରିଲେ କୁଆଡେ? ଶହିଦ୍ ଭବନକୁ ସେ ନ ଫେରିବା ଯାଏଁ, ଆମ ପାଣି ପାଇପ୍‌ଟା ପାଚେରୀ ପାରକରି ବଗିଚାକୁ ଜୀବନ ଦେବା। ମୋ ସ୍ୱାମୀ ତାଟକା... ତଥାପି ଚାଲିଲେ। ମୁଁ ଗଛଗୁଡିକୁ ପାଣି ଦେବାରେ ଲାଗିଲି, ମନେମନେ କହୁଥିଲି ଏ ଶହିଦ୍ ଭବନରେ ଆଉ ଗୋଟେ ଲତାକୁ ବି ମରିବାକୁ ଦେବିନି, ସେତିକି ବେଳେ ଛବି ଆସିଲା, ଆରେ ମା' ଏ କ'ଣ ଆପଣ ଠିକ୍ ଅଛନ୍ତି ତ? ତାକୁ କହିଲି ହଁ ଏବେ ଠିକ୍ ଅଛି, ଆଗରୁ ସେ ପ୍ରହେଳିକା କାଲି ମୋ ଆଖିରୁ ଲୁହ ହେଇ ବୋହି ଯାଇଛି, ଆ' ତୁ ବି ଲାଗିପଡ, ଘର କାମ ପରେ ହବ। ଏ ଶହିଦ୍ ଭବନ ସବୁ ବେଳେ ଫୁଲ, ପତ୍ର, ରଙ୍ଗ, ବାସ୍ନାରେ ଭରି ରଖିବା ଦାୟିତ୍ୱ ଆମର.......

# ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥର ଶୁଭାରମ୍ଭ



ବାଲେଶ୍ୱର (ପିଏନ୍)- ଶିଶୁ ଶ୍ରମ ନିରାକରଣ, ଶିଶୁମାନଙ୍କ ଅଧିକାର ଏବଂ ବେଆଇନ ଭାବେ ଶିଶୁଙ୍କୁ କାର୍ଯ୍ୟରେ ନିୟୋଜନ ପାଇଁ ଆଇନରେ ରହିଥିବା ଦଣ୍ଡ ବ୍ୟବସ୍ଥା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଏକ "ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ" ଆଜି ପୂର୍ବାହ୍ନରେ ସ୍ଥାନୀୟ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରୁ ଯାତ୍ରା ଆରମ୍ଭ କରିଛି । ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି । ଓଡିଶା ସରକାରଙ୍କ ଶ୍ରମ ଓ ରାଜ୍ୟ କର୍ମଚାରୀ ବିଭାଗ, ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗର ମିଳିତ ଆନୁକୂଲ୍ୟରେ ଶିଶୁ ଶ୍ରମିକ ଉଚ୍ଛେଦ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଏହି ରଥ ଜିଲ୍ଲାର ବିଭିନ୍ନ ସହରାଂଚଳ ଓ ବ୍ଲକ ଗସ୍ତ କରି ଲୋକମାନଙ୍କୁ ଶିଶୁ ଶ୍ରମିକ ନିରାକରଣ ସମ୍ପର୍କରେ ସଚେତନ କରିବ । ୧୪ ବର୍ଷ ପୂର୍ଣ୍ଣ କରି ନ ଥିବା ଶିଶୁଙ୍କୁ କୌଣସି ପ୍ରକାର ବୃତି ଏବଂ ପ୍ରକ୍ରିୟାରେ ତଥା ୧୫ ବର୍ଷରୁ ୧୮ ବର୍ଷ ବୟସର କିଶୋରଙ୍କୁ ବିପଦସଙ୍କୁଳ ବୃତି ଓ ପ୍ରକ୍ରିୟାରେ ନିୟୋଜନ କରିବା ଏକ ଧର୍ତବ୍ୟ ଅପରାଧ ହୋଇଥିବା ବେଳେ ଏପରି ନିୟୋଜନ କରିଥିବା ବ୍ୟକ୍ତିଙ୍କୁ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ସହ କାରାଦଣ୍ଡ ପାଇଁ ଆଇନରେ ବ୍ୟବସ୍ଥା ରହିଛି । କିଛି ଦିନର ସଚେତନତା କାର୍ଯ୍ୟକ୍ରମ ପରେ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ, କାର୍ଯ୍ୟାଳୟ ଏବଂ ଅନ୍ୟାନ୍ୟ ଅଂଚଳରେ ଚଢଉ ଆରମ୍ଭ କରାଯାଇ ଜିଲ୍ଲାରେ ଶିଶୁ ଶ୍ରମିକଙ୍କ ବାସ୍ତବିକ୍ ସ୍ଥିତିର ଆକଳନ କରାଯିବା ସହିତ ଆଇନ ଉଲ୍ଲଘଂନ କ୍ଷେତ୍ରରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଭାଗୀୟ ଶ୍ରମ ଆୟୁକ୍ତ ଶ୍ରୀ ଅଜୟ କୁମାର ପ୍ରଧାନ ସୂଚନା ଦେଇଛନ୍ତି । ଏହି ଅବସରରେ ଆମ ଜିଲ୍ଲା ତଥା ରାଜ୍ୟକୁ ଶିଶୁ ଶ୍ରମ ମୁକ୍ତ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତୀ ସମସ୍ତଙ୍କ ସହଯୋଗ କାମନା କରିଥିବା ବେଳେ ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ବୃନ୍ଦାବନ ସେଠୀ, ଜିଲ୍ଲା ଶିଶୁ ମଙ୍ଗଳ କମିଟିର ସଦସ୍ୟ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତାମାନଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଆଜିର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ୫-ଟି ଯୋଜନାରେ ବଦଳୁଛି ସ୍କୁଲର ନକ୍ସା, ସୃଦୃଢ ହେଉଛି ଶିକ୍ଷା ବ୍ୟବସ୍ଥା



ଭୁବନେଶ୍ୱର (ପିଏନ୍): ବିଦ୍ୟାଳୟଗୁଡିକର ଭିତିଭୂମିକୁ ସୁଦୃଢ଼ କରିବା ସହିତ ଛାତ୍ରଛାତ୍ରୀମାନଙ୍କ ପାଇଁ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ଲକ୍ଷ୍ୟରେ ରାଜ୍ୟ ସରକାର ୫-ଟି ମାଧ୍ୟମରେ ସବୁ ପ୍ରକାର ବ୍ୟବସ୍ଥା କରୁଛନ୍ତି। ଏହି ୫-ଟି ମାଧ୍ୟମରେ ରୁପାନ୍ତରିତ ସ୍ମାର୍ଟ କ୍ଲାସ ରୁମରେ ବସି ପାଠ ପଢ଼ିବା ସହିତ ଅତ୍ୟାଧୁନିକ ବ୍ୟବସ୍ଥାକୁ ଦେଖି ଖୁସି ଜାହିର କରୁଛନ୍ତି ଛାତ୍ରଛାତ୍ରୀ। ଧର୍ମଶାଳା ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ୬ଟି ହାଇସ୍କୁଲ ରୂପାନ୍ତରଣ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୨୫ଗୋଟି ବିଦ୍ୟାଳୟର ରୂପାନ୍ତରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଂଚିଛି। ଚକାଚକ୍ କ୍ଲାସ ରୁମ। ରୂପାନ୍ତରିକରଣ ପରେ ବଦଳୁଛି କ୍ଲାସ ରୁମର ନକ୍ସା। ଛାତ୍ରଛାତ୍ରୀମାନଙ୍କ ପଢିବା ପାଇଁ ସୁନ୍ଦର ବେଂଚ୍ ଓ ଡେକ୍ସର ବ୍ୟବସ୍ଥା ସହ ଅତ୍ୟାଧୁନିକ ଜ୍ଞାନ କୌଶଳର ବିନିଯୋଗ ହୋଇଛି। ଏହି ଯୋଜନାରେ ଧର୍ମଶାଳା ବ୍ଲକ ଜାରକା ପଂଚାୟତର ଅମରେଶ୍ୱରୀ ଉଚ୍ଚ ବିଦ୍ୟାଳୟ ସୁନ୍ଦର ପରିବେଶ ସାଙ୍ଗକୁ ଶିକ୍ଷା ପ୍ରତି ପିଲାମାନଙ୍କୁ ଆକୃଷ୍ଟ କଲା ଭଳି ବ୍ୟବସ୍ଥାକରାଯାଇଛି । ଏଠାରେ ଗୁଣାତ୍ମକ ଶିକ୍ଷାର ମାନ ବୃଦ୍ଧି ପାଇଁ ସ୍ମାର୍ଟ କ୍ଲାସ ରୁମ୍, ଇ-ଲାଇବ୍ରେରୀ, ଅତ୍ୟାଧୁନିକ ଲ୍ୟାବ, କମ୍ପ୍ୟୁଟର ହଲର ବ୍ୟବସ୍ଥା ହୋଇଛି। ଡିଜିଟାଲ ବୋର୍ଡରେ ପାଠପଢି ସ୍ମାର୍ଟ ହେଉଛନ୍ତି ଛାତ୍ରଛାତ୍ରୀ। ନୂଆ ରୂପରେ ହାଇସ୍କୁଲ ଝଲସୁଥିବା ବେଳେ କ୍ଲାସ ରୁମରେ ଅତ୍ୟାଧୁନିକ ବ୍ୟବସ୍ଥାକୁ ଦେଖି ଖୁସି ଜାହିର କରିଛନ୍ତି ଛାତ୍ରଛାତ୍ରୀ। ରାଜ୍ୟ ସରକାରଙ୍କ ଏଭଳି ଶିକ୍ଷା ବ୍ୟବସ୍ଥାକୁ ପ୍ରଶଂସା କରୁଛନ୍ତି ଅଧ୍ୟୟନରତ ଛାତ୍ରଛାତ୍ରୀ, ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଭିଭାବକ। ବିଦ୍ୟାଳୟରେ କେବଳ ପାଠପଢା ନୁହେଁ ଏହି ବ୍ୟବସ୍ଥାରେ ଆନୁସଙ୍ଗିକ ଉପକରଣ ସହ ଶାରିରୀକ ଶିକ୍ଷା ପ୍ରତି ମଧ୍ୟ ଧ୍ୟାନ ଦିଆଯାଉଛି। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ବିଭିନ୍ନ ସ୍କୁଲର ରୂପାନ୍ତରଣ କାର୍ଯ୍ୟ ବୁଲି ଦେଖିବା ସହିତ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଛନ୍ତି।

# କନକମଂଜରୀ ମହାବିଦ୍ୟାଳୟରେ ଉତ୍ତର କହିଛନ୍ତି ଅଧାପକ



ଘଷିପୁରା (ପିଏନ୍): ଆନନ୍ଦପୁର ଉପଖଣ୍ଡ ଶାଳପଡା ସ୍ଥିତ କନକ ମଂଜରୀ ମହିଳା ମହାବିଦ୍ୟାଳୟରେ ଯୁକ୍ତଦୁଇ ପରୀକ୍ଷା ଚାଲିଥିଲା ଏବଂ ଏହା ହୋଇଥିଲା ଏକ ହବ୍ ସେଣ୍ଟର ଯେଉଁଠି କି ପରୀକ୍ଷାର୍ଥୀଙ୍କୁ ଉତ୍ତର ଡାକି ଦେଇଥିଲେ ଅଧାପକ । ଏଭଳି ଏକ ସଙ୍ଗୀନ ଅଭିଯୋଗ ଇ ମେଲ ଦ୍ୱାରା ଶିକ୍ଷା ବିଭାଗକୁ ଜଣାଇଛନ୍ତି ଜଣେ ଅଭିଭାବକ ଅଳୀ ପ୍ରଧାନ । ଅଭିଯୋଗକାରିଣୀ ଅଳୀ ପ୍ରଧାନଙ୍କ ଝିଅ କହିବା ଅନୁସାରେ କଲେଜରେ ସିସିଟିଭି ଲାଗିଥିବା ସତ୍ୱେ ଅଧାପକମାନେ ଉତ୍ତର ଡାକି ଦେଉଥିଲେ। ଫଳରେ ସେମାନେ ୧୫ଜଣ ଝିଅ ଯୁକ୍ତଦୁଇ ପରୀକ୍ଷା ଦେଉଥିବା ବେଳେ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ସେହି ୧୫ ଝିଅ ଅଧକ୍ଷ ଶ୍ରୀ ପ୍ରଦୀପ ମହାନ୍ତିଙ୍କୁ ଯାଇ ଅନୁରୋଧ କରିଥିଲେ ଏବଂ ସେହି ୧୫ଜଣ ଝିଅଙ୍କୁ ଅଲଗା ଗୋଟିଏ ରୁମ୍‌ରେ ପରୀକ୍ଷା କରାଇବାକୁ କହିଥିଲେ। କାରଣ ଏଭଳି ଉତ୍ତର ଡାକିଲା ବେଳେ ସେମାନଙ୍କର ଏକାଗ୍ରତା ଭଙ୍ଗ ହେଉଥିଲା । ଅଧକ୍ଷ ଶ୍ରୀ ମହାନ୍ତି ସେହି ଛାତ୍ରୀମାନଙ୍କ କଥାକୁ ଭୃକ୍ଷେପ ନକରିବାରୁ ସେହି ୧୫ଜଣ ଛାତ୍ରୀ ଶିକ୍ଷା ବିଭାଗକୁ ଇମେଲ ଜରିଆରେ ଅଭିଯୋଗ କରିଥିବା ଜଣାପଡିଛି ।

# ଝୁମ୍ପୁରା ପଂଚାୟତ ସମିତିର ବୈଠକ ଅନୁଷ୍ଠିତ



କେନ୍ଦୁଝର (ପିଏନ୍): ଝୁମ୍ପୁରା ପଂଚାୟତ ସମିତି କାର୍ଯ୍ୟାଳୟରେ ନିକଟରେ ଅନୁଷ୍ଠିତ ହୋଇଯାଇଛି ପଂଚାୟତ ସମିତିର ବୈଠକ। ବ୍ଲକ ଅଧ୍ୟକ୍ଷା ମାଳତୀ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପାଟଣା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଜଗନ୍ନାଥ ନାଏକ, ସଦର ବିଧାୟକ ମୋହନଚରଣ ମାଝୀ, ସ୍ଥାନୀୟ ବିଡିଓ ବିଜୟ କୁମାର ନାୟକ, ବ୍ଲକ ଉପାଧକ୍ଷ ମାନସରଂଜନ ବିଶ୍ୱାଳ, ଏବିଡିଓ ଚୁନୁ ହାଁସଦାଃ, ସହକାରୀଯନ୍ତ୍ରୀ କୃଷ୍ଣଚନ୍ଦ୍ର ସାହୁ , ବ୍ଲକ ସ୍ତରୀୟ ସମସ୍ତ କନିଷ୍ଠ ଯନ୍ତ୍ରୀ, ଶିଶୁବିକାଶ ବିଭାଗ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ, ଉଦ୍ୟାନ ବିଭାଗ, କୃଷି ବିଭାଗ,ମତ୍ସ୍ୟ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ, ବିଦ୍ୟୁତ ବିଭାଗର ଅଧିକାରୀ ଗଣ ଉପସ୍ଥିତ ରହିଥିଲେ। ବୈଠକରେ ଝୁମ୍ପୁରା ବ୍ଲକର ୨୨ଗୋଟି ଗ୍ରାମ ପଂଚାୟତର ସରପଂଚ, ସମିତି ସଭ୍ୟ/ସଭ୍ୟାଙ୍କ ସହିତ ୩ଟି ଜୋନର ଜିଲା ପରିଷଦ ସଭ୍ୟ ଯୋଗ ଦେଇଥିଲେ । ବୈଠକରେ ମନରେଗା ଏବଂ ଗ୍ରାମାଚଂଳରେ ପାନୀୟ ଜଳ ସମସ୍ୟା ନେଇ ଉଦ୍‌ବେଗ ପାଇଥିବା ବେଳେ ଅଙ୍ଗନବାଡୀ କେନ୍ଦ୍ରଗୁଡିକରେ ନିୟମିତ ଖାଦ୍ୟ ଏବଂ ସଠିକ୍ ପରିମାଣ ଅଣ୍ଡା ଦିଆଯାଉ ନଥିବା ଅଭିଯୋଗ ହୋଇଥିଲା । ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା,ଭତା ସମ୍ପର୍କିତ ବିଭିନ୍ନ ପଂଚାୟତ ପ୍ରତିନିଧିଙ୍କ ସମସ୍ୟାଗୁଡିକ ଉପରେ ସବିଶେଷ ଆଲୋଚନା କରାଯାଇ ସମାଧାନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବା ପ୍ରସ୍ତାବ ଗୃହିତ ହୋଇଥିଲା।

# ମହିଳାମାନଙ୍କ ରୋଜଗାରର ମାଧ୍ୟମ ସାଜିଛି ଧୂପକାଠି



ଖୋର୍ଦ୍ଧା। (ପିଏନ)- ବୋଲଗଡ ବ୍ଲକ ଗେଡିଆପଲ୍ଲୀ ପଂଚାୟତ ଅନ୍ତର୍ଗତ ସାଲତରା ଗ୍ରାମରେ ୨୦୧୮ ମସିହାରୁ ଯାଜ୍ଞସେନୀ ପ୍ରଡ୍ୟୁସର ମହିଳା ଗ୍ରୁପ ଓରମାସ ସହଯୋଗରେ ଭଡାଘରେ ଧୂପକାଠି ତିଆରି କରି ମହିଳାଙ୍କୁ ଆତ୍ମନିର୍ଭରଶୀଳ କରି ପାରିଛି । ଯାହାକି ୬ ଟି ମେସିନରେ ୩୦ ଜଣ ମହିଳା ସିଫ୍ଟ ଅନୁଯାଇ ଦିନକୁ ୩ କ୍ୱିଂଟାଲ ଧୂପକାଠି ବାହାର କରି ଖରାରେ ଶୁଖାଇ ଝୁଣା, ଗୁଗୁଳ, କସ୍ତୁରୀ ଓ ଚନ୍ଦନ ବତୀ କରି ବିଭିନ୍ନ ଓଜନର ପ୍ୟାକେଟ ପ୍ରସ୍ତୁତ କରିଥାନ୍ତି। ଏହା ଅଧକିଲୋ ପ୍ୟାକେଟରେ ୫ଶହ ଧୂପକାଠିକୁ ୧ ଶହ ଟଙ୍କାରେ ବିକ୍ରୀ କରିଥା'ନ୍ତି। ଏହି ବତୀଗୁଡିକ ନିର୍ମାଣରେ ବ୍ୟବହୃତ ହେଉଥିବା କଂଚାମାଲ ଯଥା: ବାଉଁଶକାଠି,କୋଇଲା ଗୁଣ୍ଡ (ଚାର୍ପୁଲ) ଓ ଉଡ ପାଉଡର ଦି ଗ୍ରେଡ(ଜୋଶ ପାଉଡର)କୁ କଟକ ଜିଲ୍ଲା ଜଗତପୁରଠାରୁ ଆଣିଥାନ୍ତି। ଏହା କମ ଦରରେ ଅଧିକ କାଠି ରହିଥିବାରୁ ବିଭିନ୍ନ ବ୍ୟବସାୟୀମାନେ କିଣିନେଇଥାନ୍ତି। ଏତଦ୍‌ବ୍ୟତୀତ ବିଭିନ୍ନ ଜିଲ୍ଲାରେ ହେଉଥିବା ଓରମାସର ପଲ୍ଲିଶ୍ରୀ ମେଳାରେ ଯୋଗଦେଇ ବିକ୍ରୀ କରିଥାନ୍ତି ବୋଲି ସଭାପତି ଝରଣା ଦଳେଇ ଓ ସମ୍ପାଦକ ସୁଶ୍ରୀ ସଙ୍ଗୀତା ନାୟକ କହିଛନ୍ତି। ଯଦି ସରକାରଙ୍କ ପକ୍ଷରୁ ଅଧିକ ସହଯୋଗ ମିଳିବ ତେବେ ନିଯୁକ୍ତିର ହାର ବଢିବା ସହ ଉତ୍ପାଦନ ଶକ୍ତି ବଢିପାରିବ ବୋଲି ସେମାନେ ଆଶା କରିଛନ୍ତି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୪, ଅଗଷ୍ଟ ୦୮**

# ମେକଅପ୍ ଛଡାଇବେ କେମିତି



ଅପର୍ଣ୍ଣା ନାୟକ

ବର୍ଷାଦିନ, ଏପରି ଝଡ଼ି ଥରେ ଥରେ ଲାଗି ରହିବ ଯେ ସପ୍ତାହେ ପର୍ଯ୍ୟନ୍ତ ଘରୁ ବାହାରିବା ମୁସ୍କିଲ ହୋଇଯାଏ। ବର୍ଷା ଦିନରେ ଅନେକ ପର୍ବପର୍ବାଣୀ ସହ ବିବାହ, ବ୍ରତଘର ମଧ୍ୟ ଅନୁଷ୍ଠିତ ହୋଇଥାଏ। ଏ ସବୁ ଭିତରେ ଘରୋଇ ପାର୍ଟି ଓ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟକ୍ରମ ମଧ୍ୟ ଧାଏ। ତେଣୁ ମହିଳା ମାନଙ୍କ ପାଇଁ ମେକଅପ୍ ଛଡ଼ାଇବା ଏହି ସମୟରେ ଅନେକ ଅସ୍ୱାଭାବିକ ସମସ୍ୟା ମଧ୍ୟ ସୃଷ୍ଟି କରିଥାଏ। ବର୍ଷାଦିନେ ଜଳବାୟୁରେ ଆର୍ଦ୍ରତା ଥିବାରୁ ଖରାର ଉତ୍ତାପ ଖୁବ କମ ମିଳିଥାଏ। ବାହାଘର ହେଉ ଅବା କୌଣସି ପାର୍ଟିକୁ ଯିବାକୁ ଥିଲେ ମହିଳାମାନେ ମେକଅପ୍ ନେଇ ଘରୁ ବାହାରିବାକୁ ଅନେକ ସମୟ ନେଇଥାନ୍ତି । ମାତ୍ର ଘରକୁ ଫେରିବା ପରେ ନିଜ ମେକଅପ୍ ଛଡ଼ାଇବାରେ ସେମାନେ ଗୁରୁତ୍ୱ ଦିଅନ୍ତି ନାହିଁ । ଫଳରେ ସେମାନଙ୍କ ତ୍ୱଚାରେ ବ୍ରଣ ଓ ଦାଗ ଭଳି ବିଭିନ୍ନ ସମସ୍ୟା ଦେଖାଯାଇଥାଏ । ଏଣୁ ମେକଅପ୍ ଛଡ଼ାଇବାବେଳେ କିଛି ଟିପ୍ସ ପ୍ରତି ଧ୍ୟାନ ଦିଅନ୍ତୁ ।

- ମୁହଁରୁ ମେକଅପ୍ ନଛଡ଼ାଇବା ପର୍ଯ୍ୟନ୍ତ ଶୋଇବାକୁ ଯାଆନ୍ତୁ ନାହିଁ । ଏହାଦ୍ୱାରା ତ୍ୱଚା କୁଣ୍ଡାଇ ହୋଇ ଫଳି ଯାଇଥାଏ ।

-ସର୍ବପ୍ରଥମେ ଆଖି ମେକଅପ୍‌କୁ ଛଡ଼ାନ୍ତୁ । ଲାଇନର, ମସ୍କରା ଲଗାଇଥିଲେ ତୁଳାକୁ ପାଣିରେ ଭିଜାଇ ଏହା ସାହାଯ୍ୟରେ ଆଖି ମେକ୍‌ଅପ୍ ଛଡ଼ାନ୍ତୁ । ଛୋଟ ପିଲାଙ୍କ ବେବି ସାମ୍ପୁରେ ମଧ୍ୟ ଆପଣ ଏହି ମେକ୍‌ଅପ୍ ଛଡ଼ାଇ ପାରିବେ । ଏହାପରେ ଆଖି ତଳେ ସାମାନ୍ୟ ବାଦାମତେଲ ଲଗାଇ ଦିଅନ୍ତୁ ।

-ମୁହଁ ସଫା କରିବା ପାଇଁ ସାବୁନର ବ୍ୟବହାର କରନ୍ତୁ ନାହିଁ । ଏହା ଆପଣଙ୍କ ତ୍ୱଚାକୁ ରୁକ୍ଷ କରିଦେବ । ମଶ୍ଚୋରାଇଜର ଥିବା କ୍ଲିନଜର ବ୍ୟବହାର କରନ୍ତୁ । ମାତ୍ର କ୍ଲିନଜର ବ୍ୟବହାର କରି ଆଖି ମେକଅପ୍ ଛଡ଼ାନ୍ତୁ ନାହିଁ । ଏହା ଆଖି ପାଇଁ ହାନିକାରକ ।

-ମେକଅପ୍ ଛଡ଼ାଇବା ପାଇଁ କ୍ଷୀରର ବ୍ୟବହାର ମଧ୍ୟ କରିପାରିବେ । ତୁଳାକୁ କ୍ଷୀରରେ ଭିଜାଇ ଏହାଦ୍ୱାରା ମେକ୍‌ଅପ୍ ପରିଷ୍କାର କରନ୍ତୁ । ଏହପରେ ନଖ ଉଷୁମ ଗରମ ପାଣିରେ ମୁହଁକୁ ଧୋଇ ଦିଅନ୍ତୁ ।

-ମୁହଁରୁ ମେକଅପ୍ ଛଡ଼ାଇବା ପରେ କିଛି ମଶ୍ଚୋରାଇଜର ନେଇ ମୁହଁରେ ମାଲିସ କରନ୍ତୁ । ଏହାଦ୍ୱାରା ମେକଅପ୍‌ର କୌଣସି ପାର୍ଶ୍ୱପ୍ରତିକ୍ରିୟା ଆପଣଙ୍କ ତ୍ୱଚାରେ ହେବନାହିଁ ଓ ଏହା ସୁସ୍ଥ ଓ ସତେଜ ଦେଖାଯିବ - ବଜାରରେ ଶସ୍ତା ମିଳୁଥିବା ବା ପ୍ରଚାରଧର୍ମୀ ବିଜ୍ଞାପନ ଦେଖି କୌଣସି କ୍ଲିନର ବା କ୍ରିମ ବ୍ୟବହାର କରନ୍ତୁ ନାହିଁ। ଏହାକୁ ବ୍ୟବହାର କରିବା ପୂର୍ବରୁ ଭଲ ଭାବେ ସମସ୍ତ ସୂଚନାବଳୀ ପଢ଼ନ୍ତୁ।

-ସବୁଠାରୁ ଭଲ ହେବ ଚର୍ମରୋଗ ବିଶେଷଜ୍ଞ ଓ ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ କ୍ରିମର ବ୍ୟବହାର। ସେହିପରି ଅବଧି ତାରିଖ ପୂରଣ ହୋଇଯାଇଥିବା ଫେସିଆଲ ସାମଗ୍ରୀ ଆଦୌ ବ୍ୟବହାର କରନ୍ତୁ ନାହିଁ।

*ମେନ ସାଗର ପାନ ରୋଡ଼, ନଂ-୩,*
*ବାଲାଜୀ ଡିପାର୍ଟମେଣ୍ଟାଲ ଷ୍ଟୋର,*
*ନୂଆଦିଲ୍ଲୀ, ପିନ-୧୧୦୦୪୬*

# ପ୍ରଦୀପ ସାରଙ୍କୁ ଶ୍ରଦ୍ଧାଞ୍ଜଳୀ



ବାଦଲ ଭୂୟାଁ

'ପ୍ରଦୀପ ସାର' (ଡକ୍ଟର ପ୍ରଦୀପ ଚନ୍ଦ୍ର ମହାପାତ୍ର), କେବଳ ଗଣମାଧ୍ୟମ କ୍ଷେତ୍ରରେ ନୁହେଁ ଓଡ଼ିଶାରେ ସମସ୍ତଙ୍କର ସିଏ ଥିଲେ ପ୍ରଦୀପ ସାର। ସେ ଥିଲେ ବିଶିଷ୍ଟ ସାମ୍ବାଦିକ, ସ୍ତମ୍ଭକାର ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ। ମାତ୍ର ଅଣସ୍ତୋରୀ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଛି। ବ୍ରହ୍ମପୁର ଜନଜୀବନ ସହିତ ଓତଃପ୍ରୋତଃ ଭାବେ ଜଡ଼ିତ ରହି ନିୟମିତ ସ୍ତମ୍ଭକାର ଭାବେ ଆଖପାଖର ସମୟଭିତ୍ତିକ ପ୍ରସଙ୍ଗକୁ ନେଇ ଯେଉଁ ସ୍ତମ୍ଭ ଲେଖୁଥିଲେ ତାହା 'ବ୍ରହ୍ମପୁର ଡାଏରୀ' ଭାବେ ପ୍ରଚୁର ପାଠକୀୟ ଆଦୃତି ପାଇଥିଲା। ତାହାଭିତରେ ଜୀବନ ଚଳଣୀର କଥାମାନ ରହିଥିଲା। ଅନେକ ହୁଏତ ଜାଣିନଥିବେ ଆଜି ରାଜ୍ୟରେ ପ୍ରତିଷ୍ଠିତ ହୋଇପାରିଥିବା ଅନେକ ସାମ୍ବାଦିକ ମାନଙ୍କର ସେ ଥିଲେ ସାମ୍ବାଦିକତାର ଆଦ୍ୟ ଖଡ଼ିଛୁଆଁ ଗୁରୁ। ଅନେକ ସାମ୍ବାଦିକ କେବଳ ଓଡ଼ିଶାରେ ନୁହେଁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଛନ୍ତି। ସେ ଅନେକ ଦୈନିକ ଖବର କାଗଜରେ ନିୟମିତ ସ୍ତମ୍ଭ ଲେଖୁଥିଲେ। ପ୍ରଚୁର ବହି ପଢ଼ିବା ଥିଲା ତାଙ୍କର ସଉକ। ଅନେକ ପ୍ରତିଭାବାନ ସାମ୍ବାଦିକ ବୃତ୍ତି ପ୍ରତି ଆଗ୍ରହ ରଖିଥିବା ପିଲାମାନଙ୍କ ପାଇଁ ସେ ହାତରୁ ପଇସା ଖର୍ଚ୍ଚ କରି ମଧ୍ୟ ପାଠ ପଢ଼ାଉଥିଲେ ବୋଲି ଅନେକ କୁହନ୍ତି। ତାଙ୍କର କିଛି ବହି ମଧ୍ୟ ଜାତୀୟ ସ୍ତରରେ ଗୁରୁତ୍ୱ ଅର୍ଜନ କରିବା ସହ ପ୍ରଚୁର ପାଠକୀୟ ଆଦୃତି ପାଇ ପାରିଛି। ଅନେକ ହୁଏତ ଜାଣିନଥିବେ ଡ.ମହାପାତ୍ର ଓଡ଼ିଶାର ପ୍ରଥମ ରଙ୍ଗୀନ ଓଡ଼ିଆ ପତ୍ରିକା 'ଜନନୀ'ର ପ୍ରତିଷ୍ଠାତା ଥିଲେ। ବ୍ରହ୍ମପୁରରୁ ସାମ୍ବାଦିକତାରୁ କ୍ୟାରିୟର ଆରମ୍ଭ କରି ପରବର୍ତ୍ତୀ ସମୟରେ ସାମ୍ବାଦିକତା ପାଠ ପଢ଼ାଉଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗରେ ଦୀର୍ଘବର୍ଷ ଧରି ଅଧ୍ୟାପନା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ୨୦୧୪ରେ ସେ ଅବସର ନେଇଥିଲେ। ବ୍ରହ୍ମପୁରର ବୁଢ଼ୀ ଠାକୁରାଣୀ ଯାତ୍ରା ଠାରୁ ଆରମ୍ଭ କରି ସହରର ଇତିହାସ ଏବଂ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ସ୍ତମ୍ଭ ଲେଖି ଲୋକପ୍ରିୟ ହୋଇପାରିଥିଲେ। ଓଡ଼ିଶାର ଅନାଲୋଚିତ ଲୁପ୍ତପ୍ରାୟ ଲୋକକଳା ଉପରେ ମଧ୍ୟ ସେ ଲେଖାଲେଖି କରି କିଛି ପୁସ୍ତକ ରଚନା କରିଛନ୍ତି। ସାମ୍ବାଦିକତା କ୍ଷେତ୍ରରେ ସକ୍ରିୟ ରହି ତାଙ୍କର ଅନେକ ଲେଖା ଓ ପୁସ୍ତକ ଆଜିର ଯୁବ ସାମ୍ବାଦିକ ପିଢ଼ୀଙ୍କ ପାଇଁ ମୂଲ୍ୟବାନ ଗବେଷଣାଧର୍ମୀ ପୁସ୍ତକ ଭାବେ ସାବ୍ୟସ୍ତ ହୋଇଛି। ତାଙ୍କର ଦେହାବସାନ ଯୋଗୁଁ ସାମ୍ବାଦିକତା କ୍ଷେତ୍ରରେ ଏକ ଅପୂରଣୀୟ କ୍ଷତି। ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କ ଅମର ଆତ୍ମାର ସଦଗତି କରନ୍ତୁ ଏହା ମୋର ବିନମ୍ର ପ୍ରାର୍ଥନା ଓ ତାଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଉଛି।

ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍',
ପୁରୁଣା ସୋନାରି, ଜାମସେଦପୁର,
ଦୂରଭାଷ : ୭୪୮୮୯୯୮୫୩୨

# ବୋଲ୍‌ବମ୍ ନାମକରଣର ତାତ୍ପର୍ଯ୍ୟ

**ପଣ୍ଡିତ ଦୈତ୍ୟାରି ମାହାପତ୍ର**

ଆଧ୍ୟାତ୍ମିକ ତ ୍ୱ ରସରେ କୁହାଯାଇପାରେ ଭଗବାନ ପରମେଶ୍ୱର ପରମାତ୍ମା ଶିବଙ୍କର ଶ୍ରାବଣୀ ପର୍ବକୁ "ବୋଲ୍‌ବମ୍" କୁହାଯାଏ। ବୋଲ୍‌ବମ୍ ଶବ୍ଦର ଅର୍ଥ ହେଉଛି ବୋଲ୍ +ବମ୍ = ବୋଲ୍‌ବମ୍। "ବୋଲ୍" ଶବ୍ଦର ଅର୍ଥ ହେଉଛି ମନନ କରିବା, ସ୍ମରଣ କରିବା, ଜପ କରିବା ବା ନାମ ଜପ କରିବା। ଏହାର ଅକ୍ଷରିକ ଅର୍ଥ ହେଉଛି ସୁମନ କହୁଛି କୁମନକୁ, ରେ ପାଗଳା ମନ! ରେ ଚଗଲା ମନ! ତୁମେ ମନକୁ ଏଣେତେଣେ ଚଳଚ ଳ ନକରି ଏକଲୟରେ ପରମେଶ୍ୱର ପରମାତ୍ମାଙ୍କ ପାଦପଦ୍ମରେ ଲଗାଇ ପରମ ମଙ୍ଗଳମୟ ଦେବାଧିଦେବ ମହାଦେବଙ୍କର ନାମ ଜପ କର। ତେବେଯାଇ ଏ ଭବମୟ ସଂସାରରୁ ମୁକତି ପାଇବୁ।

*ନାମଜପ କଲେ ସିନା ମୁକତି ମିଳଇ*
*ନାମବିନୁ ଜଗତରେ ଆନ କିଛି ନାହିଁ।*
*ଆରାଧ୍ୟ ନାମକୁ ବାବୁ ନିତି ଜପ କର,*
*ଏହି ଭବ ସଂସାରରୁ ହୋଇବୁ ଉଦ୍ଧାର।*

ରେ ମନ! ବେଳ ଥାଉଥାଉ ତୁ ନାମଜପ କର। ପରମ ପୁରୁଷଙ୍କୁ ସଦା ଧ୍ୟାନ କର। ତୋର ସମସ୍ତ ପ୍ରକାର ପାପ ବିନାଶ ହେବା ସହିତ ପୁଣ୍ୟ ଅର୍ଜନ କରିପାରିବୁ। ଜନ୍ମ ସାର୍ଥକ ହେବ। ଏଣୁ ଜୀବ ଥାଉଥାଉ ଏକାନ୍ତ ଭକ୍ତି ଓ ନିଷ୍ଠାର ସହିତ ସେହି ପରମେଶ୍ୱର ପରମାତ୍ମାଙ୍କ ନିକଟରେ ମନଲଗାଇ ଦେ। ଅହର୍ନିଶି ନାମ ଜପ କର।

"ବମ୍" ଶବ୍ଦର ଅର୍ଥ ହେଉଛି ଶିବଶକ୍ତି। ଅର୍ଥାତ୍ 'ବ' କାରେ ବ୍ରହ୍ମଭାଗେଶ୍ୱ, 'ମ' କାରେ ମାତୃରୂପେଣଂ। 'ବ' ହେଉଛି ବ୍ରହ୍ମ, ଗୂଢ଼ ତ ୍ୱ, ଗୁପ୍ତ ଜ୍ଞାନ ବା ରସ, ପରମାତ୍ମା, ପୁରୁଷୋ ମ, ପରମେଶ୍ୱର, ପରଂବ୍ରହ୍ମ ଏବଂ 'ମ' ହେଉଛି ମାୟା, ପ୍ରକୃତି, ମାତୃକା ବା ଶକ୍ତି ସ୍ୱରୂପିଣୀ। ଶିବ ଓ ଶଙ୍କର ସମନ୍ୱୟ ସ୍ୱରୂପ ହେଉଛି 'ବମ୍'। ଏଣୁ ବୋଲ୍‌ବମ୍ ଅର୍ଥ ହେଉଛି ଶିବଶକ୍ତିଙ୍କର ନାମକୁ ଏକାନ୍ତ ଭକ୍ତିର ସହିତ ଉଚ୍ଚାରଣ କରିବା।

ତା ୍ୱିକ ଦୃଷ୍ଟିରୁ ଏଠାରେ କୁହାଯାଇଛି, ରେ ମନ! ତୁ ବ ି ଥାଉଥାଉ କୁପଥକୁ ଜଯାଇ ସୁକର୍ମ କରି ସତ୍‌ପଥରେ ରହି ସେହି ପମେଶ୍ୱର ପରମାତ୍ମାଙ୍କର ନାମକୁ ଜପ କର। ନିଜର ସବୁକିଛିକୁ ଭଗବାନଙ୍କର ପାଦ ପଦ୍ମରେ ସମର୍ପଣ କରିଦେଇ ନିଜେ ସମର୍ପିତ ହୋଇଯାଏ। ରେ ପାଗଳ ମନ! ତୁ ଏ ବଭସଂସାରରେ ଯାହା ଦେଖୁଛୁ, ସବୁ ସେହି ପରେମଶ୍ୱର ପରମାତ୍ମାଙ୍କର। ତୋର ଏହି ଶରୀର ମଧ୍ୟ ତାଙ୍କର। ତୋର ତୋ ପ୍ରତି ଅଧିକାର ନାହିଁ। ଏଣୁ ତୋତେ ଭଗବାନ ଯେହେତୁ ଏ ଭବସଂସାରରେ ଜନ୍ମ ଦେଇଛନ୍ତି ତେଣୁ ତୋର ଜନ୍ମକୁ ନିରର୍ଥକ ନକରି ନିଜସ୍ୱ ଜ୍ଞାନ, ଚେତନା ଓ ବିବେକ ବଳରେ ସତ୍‌କର୍ମ କରି ବିଭୂପାଦପଦ୍ମରେ ମନନିବେଶ କରି। ପ୍ରତିମୁହୂ ର୍ରେ ଭଗବାନ ଶିବ ପାର୍ବତୀଙ୍କ ନାମକୁ ଜପ କଲେ ମନବାଞ୍ଛା ପୂର୍ଣ୍ଣ ହେବ। ଜନ୍ମ ସାର୍ଥକ ହେବ। ସତସଂହର ବଳ ଜାଗ୍ରତ ହେବ। ତେଣୁ ଜଳ ହେଉଛି ଜୀବନ, ଯାହା ଶିବ ଶକ୍ତିଙ୍କର ଅତ୍ୟନ୍ତ ପ୍ରିୟ। ରେ ମନ! ତୁ ସେହି ଜୀବନରୂପି ଜଳକୁ ନେଇ ଏକାନ୍ତ ଭକ୍ତିର ସହିତ ଭଗବାନ ଶିବଙ୍କୁ ସମର୍ପଣ କରି 'ବୋଲ୍‌ବମ୍" ଉଚାରଣ କର। ତେବେ ଯାଇ ମୁକ୍ତିମୋକ୍ଷ୍ୟ ପାଇପାରିବୁ।

**ଓଡ଼ିଆ ଭାଷା ସାହିତ୍ୟ ଗବେଷକ**
**ତଥା**
**ରାଜ୍ୟପାଳ ପୁରସ୍କାରପ୍ରାପ୍ତ**
**ସାହିତ୍ୟିକ**
**ଭଦ୍ରକ, ଓଡ଼ିଶା,**
**ମୋ-୮୭୬୩୫୪୮୨୦୨**

# ଆମେରିକାର ପ୍ରକଳ୍ପ ୨୦୨୫

**ସୌମେନ୍ଦ୍ର ଜେନା**

ଚଳିତ ବର୍ଷ ଆମେରିକାର ରାଷ୍ଟ୍ରପତି ନିର୍ବାଚନ ବର୍ଷର ଶେଷ ଭାଗକୁ ହେବାର ରହିଛି, ଯାହାର ଫଳାଫଳ ପ୍ରକାଶ ପାଇବା ପରେ ଜାନୁଆରୀ ୨୦୨୫ରେ ନୂତନ ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବେ। ସବୁଥର ପରି ଏଥର ମଧ୍ୟ ଡେମୋକ୍ରାଟ ଓ ରିପବ୍ଲିକାନ ଦଳର ପ୍ରାର୍ଥୀଙ୍କ ମଧ୍ୟରେ ମୁଖ୍ୟତଃ ନିର୍ବାଚନ ଲଢ଼େଇ ହେଉଛି। ଡେମୋକ୍ରାଟରୁ ଜୋ ଡାଇଡେନ ଏବଂ ରିପବ୍ଲିକାନ୍‌ରୁ ଡୋନାଲ୍‌ଡ଼ ଟ୍ରମ୍ପ ଦୌଡରେ ରହିଛନ୍ତି। ଆମେରିକାର ରାଷ୍ଟ୍ରପତି ନିର୍ବାଚନ ଚାରିବର୍ଷରେ ଥରେ ହେଉଥିଲେ ମଧ୍ୟ ଦୁଇବର୍ଷ ପୂର୍ବରୁ ନିର୍ବାଚନ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ଦୁଇ ଦଳର ପ୍ରାର୍ଥୀମାନେ ସମ୍ମୁଖରେ ରହିଥିବା ସ୍ଥଳେ ସେମାନଙ୍କ ସମର୍ଥନପାଇଁ ପଛରେ ଅନେକ ସଂଗଠନ, ବ୍ୟାବସାୟିକ ଅନୁଷ୍ଠାନ, ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ରହିଥାନ୍ତି। ସେହି କ୍ରମରେ ଡୋନାଲ୍‌ଡ଼ ଟ୍ରମ୍ପଙ୍କ ସମର୍ଥକମାନେ ମଧ୍ୟ ୨୦୨୦ ପରଠାରୁ ତାଙ୍କ ଭବିଷ୍ୟତର ଯୋଜନାକୁ ରୂପରେଖ ଦେବାରେ ଲାଗିଛନ୍ତି। ଆମେରିକାର ସରକାର କ'ଣ କରିବା ଦରକାର ସେ ବିଷୟକୁ ନେଇ ହେରିଟେଜ୍ ଫାଉଣ୍ଡେସନ୍ ୧୯୮୧ ରୁ 'ମାଣ୍ଡେଟ ଫର୍ ଲିଡରସିପ୍' ଶୀର୍ଷକରେ ଯେଉଁ ଦଲିଲକୁ ପ୍ରକାଶ କରିଆସିଛି। ଅନୁଷ୍ଠାନ ପକ୍ଷରୁ ତାକୁ 'ପଲିସୀ ବାଇବେଲ' ବୋଲି ଆଖ୍ୟା ଦେଇଥାଏ। ନୀତିନିର୍ଦ୍ଧାରଣର ଏହା ସରକାରଙ୍କ ପାଇଁ ମାର୍ଗଦର୍ଶିକା ବୋଲି ହେରିଟେବୋ ଫାଉଣ୍ଡେସନ କହିଥାଏ। ଅନୁଷ୍ଠାନର ଅଧ୍ୟକ୍ଷ କେଭିନ ରବର୍ଟସ ୨୦୨୪ ନିର୍ବାଚନକୁ ଆଖି ଆଗରେ ରଖି ୨୧ ଏପ୍ରିଲ ୨୦୨୩ରେ 'ପ୍ରକଳ୍ପ-୨୦୨୫' ଶୀର୍ଷକରେ ଏକ ତଥ୍ୟ ଆଧାରଭୂତ ବିଚାର ଶୃଙ୍ଖଳା ଆରମ୍ଭ କରିଥିଲେ।

ପୂର୍ବରୁ ୨୦୨୦ରେ ଡୋନାଲଡ଼ ଟ୍ରମ୍ପଙ୍କ ଶାସନ କାଳରେ ତାଙ୍କ ନିର୍ଦ୍ଦେଶକୁ ଅଧିକାରୀ ଗ୍ରହଣ କରିବାକୁ ମନାକରିବା, ଜର୍ଜ ଫ୍ଲଏଡ୍ ବିକ୍ଷୋଭ ବେଳେ ଲୁଟତରାକାରୀଙ୍କ ଉପରକୁ ଗୁଳି ଚଳାଇବା ପରି ନିର୍ଦ୍ଦେଶ କାର୍ଯ୍ୟକାରୀ ନହେବା ଆଦି ଘଟଣାରେ ଆମେରିକାର ରାଷ୍ଟ୍ରପତି ନୀତି ଦୃଷ୍ଟିରୁ ଦୁର୍ବଳଥିବା ଲକ୍ଷ୍ୟକରି ସେବେଠାରୁ ହେରିଟେଜ୍ ଫାଉଣ୍ଡେସନ ଟ୍ରମ୍ପଙ୍କ ପାଇଁ ଏକ ଶାସନ ବ୍ୟବସ୍ଥାର ନୀତି ପୁସ୍ତିକା ପ୍ରକାଶ ପାଇଁ କାର୍ଯ୍ୟ କରିବାକୁ ସ୍ଥିରକରି ପରେ ଯେଉଁ ପଦକ୍ଷେପ ନେଲା ତହିଁରୁ ନଅଶହରୁ ଅଧିକ ପୃଷ୍ଠା ବିଶିଷ୍ଟ 'ପ୍ରକଳ୍ପ-୨୦୨୫' ରୂପ ନେଲା, ଯାହା କି ପରେ ପ୍ରକାଶ ପାଇଛି। ଏଥିରେ ଟ୍ରମ୍ପଙ୍କ ସରକାର ସହ ଥିବା ଅନେକ ବ୍ୟକ୍ତିବିଶେଷ ସେମାନଙ୍କ ବିଚାର ବ୍ୟକ୍ତ କରିଛନ୍ତି। କେତେକ ବିଶ୍ୱ ବିଦ୍ୟାଳୟର ପ୍ରାଧ୍ୟାପକ ନିଜେ ଏହି ପ୍ରକଳ୍ପରେ ସାମିଲ ହୋଇ ୨୦୨୫ରେ ଶାସନକୁ ଆସିଲେ ଟ୍ରମ୍ପ କ'ଣ ପଦକ୍ଷେପ ଗ୍ରହଣ କରିବା ଦରକାର ତାହା ଏଥିରେ ଉଲ୍ଲେଖ କରିଛନ୍ତି। ଏହି ପ୍ରକଳ୍ପର ନିର୍ଦ୍ଦେଶକ ପଲ୍ ଡାନ୍ସ ରହିଛନ୍ତି। ଓ୍ୱାସିଂଟନ ଡିସିସ୍ଥିତ କନ୍‌ଜରଭେଟିଭ୍ ବୌଦ୍ଧିକ ଗୋଷ୍ଠୀର ସଂସ୍ଥା ହେଉଛି ହେରିଟେଜ୍ ଫାଉଣ୍ଡେସନ୍, ଯାହା ଅତୀତରେ ଅନେକଗୁଡ଼ିଏ ପୁସ୍ତକ ପ୍ରକାଶ କରିଛି ଆମେରିକାର ସଫଳ ନେତୃତ୍ୱ ପାଇଁ।

ପ୍ରକଳ୍ପ-୨୦୨୫ ପୁସ୍ତକର ସଂପାଦକ ପଲ ଡାନ୍ସ ଏବଂ ଷ୍ଟିଭେନ ଗ୍ରୋଭସ ରହିଥିଲା ବେଳେ ମୁଖବନ୍ଧ ଲେଖିଛନ୍ତି କେଭିନା ରବର୍ଟସ। ୯୨୨ ପୃଷ୍ଠାର ଏହି ନୀତି ନିର୍ଦ୍ଧାରଣ ସଂକ୍ରାନ୍ତୀୟ ପୁସ୍ତକଟି ସରକାର ପରିଚାଳନା, ସାଧାରଣ ପ୍ରତିରକ୍ଷା, ଜନସାଧାରଣଙ୍କ କଲ୍ୟାଣ, ଅର୍ଥନୀତି, ସ୍ୱାଧୀନଭାବେ କାର୍ଯ୍ୟରତ ଏଜେନ୍ସୀ ଆଦି ବିଷୟକୁ କେନ୍ଦ୍ରକରି ମୋଟ ୩୦ଟି ଲେଖା ଏଥିରେ ରହିଛି ଯାହା, ଭିନ୍ନ ଭିନ୍ନ ଲୋକେ ଲେଖିଛନ୍ତି। ୫୦ରୁ ଅଧିକ ଅନୁଷ୍ଠାନର ଏଥିରେ ସଂପୃକ୍ତି ରହିଥିବା କଥା କୁହାଯାଇଛି। ଏଥିରେ ରସେଲ ଭଘଟ ଲେଖିଛନ୍ତି ଯେ 'ଖ୍ରୀଷ୍ଟିଆନ ଜାତୀୟତାବାଦ'କୁ ଆଧାର କରି ଆମେରିକା ଆଗେଇବା ଆବଶ୍ୟକ। ଓ୍ୱିଲିୟମ୍ ଓ୍ୱଲପଂଙ୍କ ପରି ଖ୍ରୀଷ୍ଟିଆନ ଜାତୀୟତାବାଦୀଙ୍କ ମତରେ ଦେଶରେ ବାଇବେଲ ଆଧାରିତ ଶାସନ ବ୍ୟବସ୍ଥାର ପ୍ରଚଳନ ଆବଶ୍ୟକ, ବିଚାରପତିମାନେ ମଧ୍ୟ ବାଇବେଲ ଆଧାରରେ ନ୍ୟାୟ ପ୍ରଦାନ କରିବା ଉଚିତ। ଏଥିରେ ଜଳବାୟୁ ପରିବ ର୍ନ ପାଇଁ ଗଠିତ ପରିବେଶ ସୁରକ୍ଷା ସଂସ୍ଥା (ଇପିଏ)କୁ ସଂକୁଚିତ କରିବାକୁ କୁହାଯାଇଛି। ଗ୍ରୀନ ହାଉସ ଗ୍ୟାସ ଦ୍ୱାରା ପ୍ରଦୂଷଣ ବଢ଼ିବାକୁ କେନ୍ଦ୍ରକରି ଆମେରିକା ଯେପରି କାର୍ଯ୍ୟକରୁଛି ସେଥିରୁ କ୍ଷାନ୍ତରହିବା ଆବଶ୍ୟକ ବୋଲି କୁହାଯାଇଛି। ସହଯୋଗୀ ରାଷ୍ଟ୍ରମାନଙ୍କୁ କୋଇଲା ବ୍ୟବହାର କରିବାକୁ ପ୍ରୋତ୍ସାହନ ଦେବାକୁ ଏଥିରେ ଉଲ୍ଲେଖ କରାଯାଇଛି। ଜଳବାୟୁ ପରିବ ର୍ନକୁ କେନ୍ଦ୍ରକରି ବିଶ୍ୱରେ ଅଧିକ ରାଜନୀତି ହେଉଛି ଏବଂ ଅଧିକ କ୍ଷୟକ୍ଷତି ହେବାର ଭୟ ଦେଖାଇ ଦିଆଯାଉଛି ବୋଲି ଏହି ପ୍ରକଳ୍ପର ଲେଖକ ମାଣ୍ଡି ଗୁଣଶେଖର କହିଛନ୍ତି। ପରିବେଶ ସୁରକ୍ଷା ସଂସ୍ଥା (ଇପିଏ)ର ପୂର୍ବତନ ମୁଖ୍ୟ ଭାବେ କାର୍ଯ୍ୟକରିଥିବା ଗୁଣଶେଖରଙ୍କ ପରାମର୍ଶକ୍ରମେ ଆମେରିକା ୨୦୧୭ରେ ପ୍ୟାରିସ ଆଲୋଚନାରୁ ବାହାରି ଆସିଥିଲା।

ଆମେରିକାର ଅର୍ଥନୀତିରେ ବ୍ୟାପକ ପରିବ ର୍ନ ପାଇଁ ଏହି ପୁସ୍ତକରେ ପରାମର୍ଶ ରହିଛି। ଏଥିରେ ମୁକ୍ତ ବ୍ୟାଙ୍କ ବ୍ୟବସ୍ଥା, ବସ୍ତୁ ଆଧାରିତ ମୂଲ୍ୟ, ମୁଦ୍ରାସ୍ଫୀତି ଉପରେ ଅଧିକ ଗୁରୁତ୍ୱ ଦେବାକୁ କୁହାଯାଇଛି। ଟିକସ ହ୍ରାସ ଏବଂ ଚାକିରୀ ଆଇନ ୨୦୧୭କୁ ଆଗକୁ ନେବାକୁ କୁହାଯାଇ ବ୍ୟକ୍ତିଗତ ଆୟ ଟିକସ ୧୫ ପ୍ରତିଶତ ଏବଂ ୩୦ ପ୍ରତିଶତ ଦୁଇ ପ୍ରକାର କରାଯିବାକୁ ପରାମର୍ଶ ଦିଆଯାଇଛି। କର୍ପୋରେଟ ଟିକସକୁ ହ୍ରାସ କରି ୧୮ ପ୍ରତିଶତ ରଖାଯିବାକୁ କୁହାଯାଇଛି। ମୂଳଲାଭ ଉପରେ ୧୫ ପ୍ରତିଶତ ଟିକସ୍ ଲଗାଇବାକୁ ଉଲ୍ଲେଖ କରାଯାଇଛି। କିନ୍ତୁ ବାଇଡେନ ପ୍ରଶାସନ ଏହି ଟିକସକୁ ୪୫ ପ୍ରତିଶତ କରିବାକୁ କହିଛନ୍ତି। ବାଣିଜ୍ୟ ବିଭାଗରେ ଥିବା ଆର୍ଥିକ ବିକାଶ ପ୍ରଶାସନକୁ ହଟାଇ ଦେବାକୁ ପରାମର୍ଶ ଦିଆଯାଇଛି। ଟ୍ରମ୍ପଙ୍କ ପ୍ରଶାସନ ତୁଳନାରେ ବାଇଡେନ ପ୍ରଶାସନ ଅଧିକରୁ ଅଧିକ ତୈଳଖନନ ଓ ଉତ୍ପାଦନ ପାଇଁ ଅନୁମତି ପ୍ରଦାନ କରି ଗ୍ରାମା ଳର କ୍ଷତି କରିଛି। ତେଣୁ ଆଗାମୀ ଦିନରେ ବେସାମରିକ ଆଣବିକ ଶିଳ୍ପ ଉପରେ ଜୋର ଦେଲେ ଶକ୍ତି ସଂକ୍ରାନ୍ତୀୟ ସଂକଟ ଦୂରହେବ ବୋଲି କୁହାଯାଇଛି।

ପ୍ରକଳ୍ପ ୨୦୨୫ରେ ବୈଦେଶିକ ବାଣିଜ୍ୟ ସଂକ୍ରାନ୍ତରେ କୁହାଯାଇଛି ଯେ ଆମେରିକା ୟୁରୋପୀୟ ସଂଘ, ଚୀନ ଓ ଭାରତରୁ ଆମଦାନୀ ହେଉଥିବା ବସ୍ତୁ ଉପରେ ଅଧିକ ଟିକସ ଲାଗୁ କରିବା ଦରକାର, ଯାହା ଫଳରେ ବୈଦେଶିକ ବାଣିଜ୍ୟରେ ସନ୍ତୁଳନ ଆସିବ। ଗୋଲ୍ଡମ୍ୟାନ ସାଚ୍‌ର ଆକଳନ ଅନୁସାରେ ଆମେରିକା ଟ୍ରମ୍ପଙ୍କ ସୁରକ୍ଷାତ୍ମକ ନୀତି ଗ୍ରହଣ କରିପାରିଲେ ଅଧିକ ଅର୍ଥ ସ ୟ ହେବା ସହ ଟିକସ ହାରକୁ ହ୍ରାସ କରାଯାଇପାରେ, ଯାହା ଟ୍ରମ୍ପଙ୍କ ସମର୍ଥକମାନେ ଆଶା କରୁଛନ୍ତି। ଅନ୍ୟ ପକ୍ଷରେ କେ ଲାସମ୍ୟାନଙ୍କ ଯୁକ୍ତିହେଲା ଯେ ସରକାର ବିଦେଶରୁ ହେଉଥିବା ଆମଦାନୀ ଉପରେ ଶୁଳ୍କ କମ୍ ରଖି ଗ୍ରାହକମାନଙ୍କ ପାଇଁ ଶସ୍ତାରେ ବସ୍ତୁ ଉପଲବ୍ଧ କରାଇବା ଦରକାର। ସରକାର ଅଧିକରୁ ଅଧିକ ମୁକ୍ତ ବାଣିଜ୍ୟ ରାଜିନାମା କରିବା ଆବଶ୍ୟକ। ତେବେ ଚୀନଠାରୁ ଦୂରେଇଲେ ହିଁ ଶ୍ରମିକ ଗୋଷ୍ଠୀର କଲ୍ୟାଣ ହେବ। ଏଥିରେ ଉଭୟ ଟ୍ରମ୍ପ ଏବଂ ବାଇଡେନ ଏକମତ ବୋଲି ସେ ଲେଖିଛନ୍ତି।

ପ୍ରକଳ୍ପ ୨୦୨୫ରେ ବିଦ୍ୟାଳୟ ଶିକ୍ଷାକୁ ରାଜ୍ୟ ପ୍ରଶାସନକୁ ଦେବାସହ ଏଥିରେ ଫେଡେରାଲ ପ୍ରଶାସନ ଅଧିକ ମୁଣ୍ଡ ଖେଳାଇବା ଅନାବଶ୍ୟକ ବୋଲି କୁହାଯାଇଛି। ପ୍ରାଥମିକ ଏବଂ ମାଧ୍ୟମିକ ଶ୍ରେଣୀରେ ଅଧ୍ୟୟନରତ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଛାତ୍ରଛାତ୍ରୀଙ୍କ ପାଇଁ ସରକାର ରଖିଥିବା ୧୮ ବିଲିୟନର ଅର୍ଥକୁ ସରକାର ବନ୍ଦ କରିଦେବା ଉଚିତ ହେବ ବୋଲି କୁହାଯାଇଛି। ଲୋକେ ବେସରକାରୀ ଏବଂ ଧାର୍ମିକ ଶିକ୍ଷାନୁଷ୍ଠାନଗୁଡ଼ିକୁ ନିଜର ପିଲାମାନଙ୍କୁ ପାଠ ପଢ଼ିବାକୁ ପଠାଉଥିବା ହେତୁ ସରକାର ବିଦ୍ୟାଳୟରେ ମାଗଣା ଭୋଜନ ବ୍ୟବସ୍ଥାକୁ ସଂପୂର୍ଣ୍ଣ ବନ୍ଦ କରିବା ଦରକାର ବୋଲି ଉଲ୍ଲେଖ କରାଯାଇଛି। ପ୍ରକଳ୍ପ ୨୦୨୫ରେ ଛାତ୍ରଛାତ୍ରୀଙ୍କ ଋଣଛାଡ କାର୍ଯ୍ୟକ୍ରମକୁ କଠୋର ସମାଲୋଚନା କରାଯାଇଛି। ଲୋକଙ୍କ ଅର୍ଥରେ ହେଉଥିବା ଉଚ୍ଚତର ଗବେଷଣା ଦେଶର ସ୍ୱାର୍ଥରେ ହେବା ଦରକାର, ଅନ୍ୟମାନଙ୍କ ସ୍ୱାର୍ଥରେ ନୁହେଁ। ତେଣୁ ଜଳବାୟୁ ଗବେଷଣାକୁ ଅନୁଦାନ ହ୍ରାସ କରିବାକୁ ଏଥିରେ କୁହାଯାଇଛି। ଜାନୁଆରୀ ୨୦, ୨୦୨୫ ସୁଦ୍ଧା ଡିପାର୍ଟମେ ଅଫ୍ ଷ୍ଟେଟରେ ଥିବା ନେତୃସ୍ଥାନୀୟ ସବୁ କର୍ମଚାରୀଙ୍କୁ ବାହାର କରିଦେବାକୁ ପ୍ରକଳ୍ପ ୨୦୨୫ରେ କୁହାଯାଇଛି। ଟ୍ରମ୍ପ ପ୍ରଶାସନରେ ବାମପନ୍ଥୀ କର୍ମଚାରୀଙ୍କ ସ୍ଥାନ ନଥିବା ବିଷୟ ଉଲ୍ଲେଖ କରାଯାଇଛି। କୌଣସି ଏକ ବିଦେଶୀ ରାଷ୍ଟ୍ରକୁ ଅସ୍ତ୍ରଶସ୍ତ୍ର ବିକ୍ରିପାଇଁ କଂଗ୍ରେସର ଅନୁମତି ଆବଶ୍ୟକ ହେବ ନାହିଁ ବୋଲି କୁହାଯାଇଛି। ରାଷ୍ଟ୍ରପତି ନିଜ କ୍ଷମତାକୁ ପ୍ରୟୋଗ କରି ଏହି ଅସ୍ତ୍ରଶସ୍ତ୍ର ତୁରନ୍ତ ବିକ୍ରି କରିବାକୁ ନିଷ୍ପ ି ନେଇପାରିବେ। ଏ କ୍ଷେତ୍ରରେ କଂଗ୍ରେସ ପ୍ରତିବନ୍ଧକ ସୃଷ୍ଟି କରିପାରିବ ନାହିଁ। ପ୍ରକଳ୍ପ-୨୦୨୫ରେ କୁହାଯାଇଛି ଯେ ପ୍ରଶାସନରେ ଟ୍ରମ୍ପଙ୍କ ଅନୁଗାମୀଙ୍କୁ ସ୍ଥାନ ଦେବା ସହ ପୂର୍ବରୁ ରାଜନୈତିକ ନିଯୁକ୍ତି ପାଇଥିବା ବହୁସଂଖ୍ୟକ କର୍ମଚାରୀଙ୍କୁ ବଦଳାଯିବା ନିହାତି ଜରୁରୀ। ଏଥିପାଇଁ 'ପ୍ରକଳ୍ପ-୨୦୨୫' ଆଗାମୀ ଦିନପାଇଁ ୨୦,୦୦୦ନୂତନ କର୍ମଚାରୀଙ୍କ ନିଯୁକ୍ତି ପାଇଁ ଏକ ଡାଟାବେସ୍ ପ୍ରସ୍ତୁତି ପାଇଁ ପ୍ରୟାସ ଚଳାଇଛି, ଯାହା ୨୦୨୪ ଶେଷ ସୁଦ୍ଧା ହୋଇଯିବ। କିନ୍ତୁ ୨୦୨୪ ସୁଦ୍ଧା ଡାଇଡେନ ପ୍ରଶାସନ ଦ୍ୱାରା ୪୦୦୦ ନିଯୁକ୍ତି ରାଜନୈତିକ ଦୃଷ୍ଟିକୋଣରୁ ହୋଇଥିବା କଥା କୁହାଯାଇଛି। କିନ୍ତୁ ଯଦି ତା'ଠାରୁ ଅଧିକ ଲୋକଙ୍କୁ ଚାକିରୀରୁ ବାହାର କରାଯାଏ ତେବେ ସମସ୍ୟା ସୃଷ୍ଟିହେବ ବୋଲି ଅନ୍ୟମାନଙ୍କ ମତ।

ବିଦେଶ ନୀତି କ୍ଷେତ୍ରରେ ବିଗତ ୩୦ ବର୍ଷ ଧରି ଆମେରିକା ଆତ୍ମଘାତୀମୂଳକ ନୀତି ଗ୍ରହଣକରି ଚୀନକୁ ସମୃଦ୍ଧ କଲାବେଳେ ନିଜ ଦେଶର ଶିଳ୍ପକୁ ନଷ୍ଟ କରିଛି। ତେଣୁ ଟ୍ରମ୍ପ ସରକାରଙ୍କୁ ଆସିଲେ ଚୀନପ୍ରତି କଠୋର ନୀତି ଗ୍ରହଣ କରିବାକୁ କୁହାଯାଇଛି। ଆମେରିକା ଜାତିସଂଘକୁ ଅନୁଦାନ ହ୍ରାସକରି ଆମେରିକାର ବୈଦେଶିକ ସହାୟତା ବୃଦ୍ଧି କରିବାକୁ ପରାମର୍ଶ ଦିଆଯାଇଛି। ନାଟୋ ମେ ରେ ଥିବା ରାଷ୍ଟ୍ରଗୁଡ଼ିକ ସେମାନଙ୍କ ସୁରକ୍ଷା ବାହିନୀକୁ ନିଯୁକ୍ତ କରିବା ସହ ଆବଶ୍ୟକ ଖର୍ଚ୍ଚ ଦେବାଲାଗି କୁହାଯିବାକୁ ପରାମର୍ଶ ଦିଆଯାଇଛି।

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପରିବାରକୁ ଗୁରୁତ୍ୱ ଦେବାକୁ କୁହାଯାଇଛି। ସରକାର ଲୋକଙ୍କୁ ଅଧିକ ସ୍ୱାସ୍ଥ୍ୟ ସୁବିଧା ଦେବାକୁ ପ୍ରୋତ୍ସାହିତ କରିବା ଏବଂ ଔଷଧ କମ୍ପାନୀଙ୍କ ସହ ମୂଲ୍ୟକୁ ନେଇ ଆଲୋଚନା କରିବାଠାରୁ ଦୂରେଇ ରହିବାକୁ କୁହାଯାଇଛି। ଏବେ ଆମେରିକାକୁ ବାହାରୁ ଆସୁଥିବା ଲୋକଙ୍କ ଉପରେ ଅଧିକ କଟକଣା ଜାରିକରିବା ସହ ବେଆଇନ୍ ଭାବେ ରହିଥିବା ଲୋକଙ୍କୁ ବାହାର କରିଦେବାକୁ କୁହାଯାଇଛି। ପ୍ରକଳ୍ପ ୨୦୨୫କୁ ଟ୍ରମ୍ପ ନିଜ ସରକାରର ପ୍ରାକ୍-ଦଲିଲ ଭାବେ ଗ୍ରହଣ କରବାକୁ ମନାକରିଛନ୍ତି। ଏହା ତାଙ୍କ ସମର୍ଥକଙ୍କ ଦଲିଲ ହୋଇପାରେ, ସରକାରର ନୁହେଁ ବୋଲି ଟ୍ରମ୍ପ କହିବା ସହ ବାଇଡେନ ପ୍ରଶାସନର କଠୋର ସମାଲୋଚନା କରିଛନ୍ତି।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# "ତେରା ମେଲା ପିଛେ ଛୁଟା ରାହି ଚଲ୍ ଅକେଲା...."



ଅନୁପମା ଭୂୟାଁ

'ଚଲ୍ ଅକେଲା ଚଲ୍ ଅକେଲା.... ତେରା ମେଲା ପିଛେ ଛୁଟା ରାହି ଚଲ୍ ଅକେଲା'..... ସଙ୍ଗୀତର ସୁରଭୀରରେ ଜୀବନ ଯାତ୍ରାକୁ ପୁଲକିତ କରାଉଥିବା ଏହି ଗୀତର ସଙ୍ଗୀତକାର ଥିଲେ ସୁପ୍ରସିଦ୍ଧ ଓପି ନାୟର। ହିନ୍ଦୀ ସିନେ ସଙ୍ଗୀତରେ ଧାରା ବିପରୀତ ଧ୍ୱନ୍‌ର ସଂଚାର କରିଯିଏ ଆଣିଥିଲେ କ୍ରାନ୍ତି, ସେହି କ୍ରାନ୍ତି ତାଙ୍କ ଅବର୍ତ୍ତମାନରେ ଆହୁରି ଛଟକୁଛି ଓ ଝଟକିବ । 'ଲତା ମଙ୍ଗେସକର୍‌ଙ୍କ ବିନା ସିନେ ସଙ୍ଗୀତ ଶୂନ୍ୟ' ଏହି ଧାରଣାକୁ ଏକଦା ଭାଙ୍ଗିଥିଲେ ଓପି । ଆଶାଙ୍କ ସ୍ୱରକୁ କ୍ୟାବରେ ଡେନ୍‌ସର ଓ ତବାୟଫ୍‌ଙ୍କ ଗଳାରୁ ଭିଡ଼ି ଆଣି ନାୟିକାର କଣ୍ଠରେ ଥୋଇଲେ ଓପି । ପଞ୍ଜାବର ଶୁଦ୍ଧ ଲୋକଗୀତରେ ସେ ଶମି କପୁରଙ୍କ ଅଭିନୟକୁ ପ୍ରତିଷ୍ଠା ଆଣିଦେଲେ । ମଜରୁହଙ୍କ ରଚନାକୁ ସଙ୍ଗୀତ ଦେଇ ସେ ଆରମ୍ଭ କଲେ ସଙ୍ଗୀତର କମ୍ପନ ଧାରା, ପୁଣି ରଫିଙ୍କ ଗାୟନ ରେଞ୍ଜକୁ ଶିଖରକୁ ନେଇ ସେ ପ୍ରମାଣିତ କଲେ ସେ ତାଙ୍କର ସଙ୍ଗୀତ ସଂରଚନା ଅନ୍ୟମାନଙ୍କ ଠାରୁ ପୃଥକ ଏବଂ ଅନନ୍ୟ । ଅଥଚ ଆଶ୍ଚର୍ଯ୍ୟ ଏହା ଯେ ସଙ୍ଗୀତର କୌଣସି ବିଧିବଦ୍ଧ ତାଲିମ ତାଙ୍କର ନଥିଲା । ରିଦିମ୍ କିଙ୍ଗ ଓପିଙ୍କ ପାଇଁ ଅସ୍ତିତ୍ୱ ଏବ ଆତ୍ମ ସମ୍ମାନ ଥିଲା ସର୍ବୋପରି ଆଉ ଏଥିପାଇଁ ସେ କୌଣସି ବୁଝାମଣା କରିବାକୁ ପ୍ରସ୍ତୁତ ନଥିଲେ । ସେ ଅସ୍ୱୀକାର କରିଥିଲେ ମଧ୍ୟ ପ୍ରଦେଶ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଲତା ମଙ୍ଗେସକର ସମ୍ମାନକୁ ।

ଆଉ ଯଦି ଓପିଙ୍କ ସଙ୍ଗୀତ ସଂରଚନାକୁ ଦେଖାଯାଏ ତେବେ ଜାଣିହେବ ଯେ ଭାରତୀୟ ଲୋକଗୀତର ପରମ୍ପରାରେ କେତେ ଆଛନ୍ନ ହୋଇଛନ୍ତି ସେ । 'ସିଆଇଡ଼ି', 'ନୟା ଦୌର୍', 'ଦୋ ରସ୍ତାଦ୍', 'ମୁଜରିମ୍', 'ହାଓ୍ୱାଡ଼ା ବ୍ରିଜ୍', 'ତୁମ୍ ସା ନେହିଁ ଦେଖା', 'କଶ୍ମୀର କୀ କଲି' ଏମିତି ସବୁ ସିନେମାରେ ପାଇ ହେବ ଲୋକ ଗୀତର ମହକକୁ । ନା ! ନିଜର ସଙ୍ଗୀତ ସହ କେବେ ବି ବୁଝାମଣା କରି ନଥିଲେ ସେ । ଏଣୁ ତାଙ୍କର ସିନେମା ତାଲିମ ତାଲିକା ଲମ୍ବା ନୁହେଁ । ୧୯୬୦ ମସିହାରେ ଶେଖ୍ ମୁଖ୍ତାର 'ଦୋ ଉସ୍ତାଦ୍' ସିନେମା ସଙ୍ଗୀତ ପାଇଁ ଓପିଙ୍କୁ ବାଛିଥିଲେ । ସିନେମାର ରାଜ୍ କପୁର ଥିଲେ ହିରୋ । ରାଜ୍ ଚାହୁଁଥିଲେ ସିନେମାରେ ମୁକେଶ ଗାଆନ୍ତୁ । ଓପି କିନ୍ତୁ ମୁକେଶଙ୍କୁ ନନେଇ ଗୀତ ସବୁ ରେକର୍ଡ଼ କରିଦେଲେ । ରାଜ୍ ରାଗିଗଲେ । ସିନେମା ଛାଡ଼ିବାକୁ ଧମକ ଦେଲେ, ଓପି କିନ୍ତୁ ନିଜ ଜିଦ୍‌ରେ ଅଟଳ । ଶେଷରେ ଶେଖ୍ ମୁଖତାରଙ୍କ ଅନୁରୋଧରେ ଓପି ମୁକେଶଙ୍କୁ ନେଲେ ସତ ତାପରେ କିନ୍ତୁ ରାଜ୍ ଅଭିନୀତ କୌଣସି ସିନେମାରେ ସଙ୍ଗୀତ ଦେଲେ ନାହିଁ । ସେହି ମୁକେଶଙ୍କ ସ୍ୱରକୁ ନେଇ ଓପିଙ୍କ ସଙ୍ଗୀତ ଜୀବନର ଆଉ ଏକ ପକ୍ଷକୁ ଦେଖାଯାଉ, ସମ୍ବନ୍ଧ ସିନେମାରେ କବି ପ୍ରଦୀପ 'ଚଲ୍ ଅକେଲା' ଗୀତ ଲେଖିଥିଲେ, ତାକୁ ଟ୍ୟୁନ୍ ବି କରିଥିଲେ । ଅଥଚ ଏହି ସିନେମାର ସଙ୍ଗୀତକାର ଭାବରେ ଥିଲେ ଓପି । ପ୍ରଦୀପଙ୍କ ଜିଦ୍ ଥିଲେ ସେ ଗୀତ ଗାଇବେ । ଓପି ଚାହୁଁଥିଲେ ତାଙ୍କ ନିର୍ଦ୍ଦେଶନାରେ ମୁକେଶ ଗାଇବେ । ନହେଲେ ସେ ସିନେମା ଛାଡ଼ିଦେବେ । ଶେଷରେ ଓପିଙ୍କ ଜିଦ୍ ରହିଲା । 'ତେରା ମେଲା ପିଛେ ଛୁଟା ରାହି ଚଲ୍ ଅକେଲା' ଏହି ଗୀତ ଏବେ ବି ଶୀହରଣ ଆଣେ । କବି ପ୍ରଦୀପ ବି ଶରହରିତ ହୋଇଥିଲେ ଏ ଗୀତର ଟ୍ୟୁନ୍‌ରେ । ଓପି କେବଳ ସଙ୍ଗୀତକାର ନଥିଲେ । ଗୀତ ଲେଖୁଥିଲେ, ଗୀତ ଗାଉଥିଲେ । ସେଥିପାଇଁ ସେ ସଙ୍ଗୀତରେ ଗୀତିକାରର ମହତ୍ୱକୁ ବୁଝୁଥିଲେ । ସି.ଏଚ୍.ଆତ୍ମାଙ୍କ ପ୍ରସିଦ୍ଧ ଗୀତ 'ପ୍ରୀତମ୍ ଆନ୍ ମିଲୋ'ର ଲେଖା ଓ ସଙ୍ଗୀତ ଓପିଙ୍କର । ଲୋକସ୍ୱର ଉପରେ ଓପିଙ୍କ ଯେତେ ଦଖଲ ଥିଲା ଶାସ୍ତ୍ରୀୟ ସଙ୍ଗୀତ ଉପରେ ବି ସେତେ ଦଖଲ ଥିଲା । ଥରେ ଉସ୍ତାଦ୍ ଅମୀର ଖାନ୍ ଓପିଙ୍କୁ ପଚାରିଲେ ତୁମେ କହ୍ନା ସିନେମାରେ ଆଶ ଗାଇଥିବା ଅକେଲି ହୁଁ ପ୍ରିୟା ଗୀତରେ ଷୋହଳଟି ରାଗକୁ କେମିତି ଯୋଖିଲ ? ଓପି ଉତ୍ତର ଦେଲେ : ହଉ ହଉ ହୋଇଗଲା । ଏବେ ଓପି ନାହାନ୍ତି କିନ୍ତୁ ସିନେ ସଙ୍ଗୀତ ଯେବେ ଯାଏ ଥିବ, ସେବେ ଯାଏ ତାଙ୍କ ସ୍ମୃତି ରହିବ ହିଁ ରହିବ ।

***'ସାଇବିଥି' ୭ଡ଼ି/୧୩୫୪,***
***ସେକ୍ଟର-୯, ସିଡିଏ, କଟକ,***




# କୃଷି ବିଲ୍‌କୁ ବିରୋଧ କରି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ଓ ସମାବେଶ



ଖୋର୍ଦ୍ଧା (ପିଏନ)-କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାର ଆଣିଥିବା କୃଷି ବିଲ ହେଉଛି କୃଷି ମାରଣ ବିଲ୍। ଏହି ବିଲ୍ ପାସ୍ ହେବା ଦ୍ୱାରା ବଡ ବଡ କମ୍ପାନୀ ଓ ପୁଞ୍ଜିପତିଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଇଛି। ଏହି କୃଷି ମାରଣ ବିଲ୍‌କୁ ସାରା ଭାରତବର୍ଷରେ ଚାଷୀ, ସାଧାରଣ ଲୋକ ବିରୋଧ କରୁଥିବା ବେଳେ ଓଡିଶାରେ ମଧ ବିରୋଧ କରାଯାଇଛି। ଏହି ଅବସରରେ କିଛି ଦିନ ତଳେ ପ୍ରଦେଶ କଂଗ୍ରେସ ପକ୍ଷରୁ ବାଲେଶ୍ୱର ଠାରେ ଏକ ରାଜ୍ୟସ୍ତରୀୟ କୃଷି ସମାବେଶ ଅନୁଷ୍ଠିତ ହୋଇଥିଲା। ସେହିପରି ଆଜି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ପକ୍ଷରୁ ଖୋର୍ଦ୍ଧାରେ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ଶହ ଶହ କଂଗ୍ରେସ କର୍ମୀ ଏବଂ ଚାଷୀ ସେମାନଙ୍କ ଟ୍ରାକ୍ଟର ଓ ହଳଲଙ୍ଗଳ ଧରି ଅଭିନବ ଉପାୟରେ ଏକ ଶୋଭାଯାତ୍ରାରେ ଯାଇ ଜିଲ୍ଲାପାଳଙ୍କ ଅଫିସ ଘେରାଉ କରିଥିଲେ। କୃଷି ବିଲ୍ ଆଇନ୍‌ର ପ୍ରତ୍ୟାହାର ଦାବିରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ତହସିଲ୍‌ଦାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି କୃଷି ବିଲ୍ ପାରିତ ହେବା ଦ୍ୱାରା କୃଷକମାନେ କେତେ ଯେ ହଇରାଣ ହରକତ ହେବେ ବୋଲି ବିଧାୟକ ସୁରେଶ କୁମାର ରାଉତରାୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ତ୍ରୀବ୍ର ସମାଲୋଚନା କରିଥିଲେ। ଓଡିଶାରେ କଂଗ୍ରେସ ସରକାର ସମୟରେ ଚାଷୀମାନଙ୍କର ଅଭୂତପୂର୍ବ ଉନ୍ନତି ହୋଇଥିଲା। କୃଷି ଶିକ୍ଷ ସାଂଗକୁ ଜଳସେଚନ ବ୍ୟବସ୍ଥାକୁ ମଜବୁତ କରାଯାଇଥିଲା। ଦିର୍ଘ ୨୧ ବର୍ଷ ଧରି ଏଠାରେ ଶାସନ କରୁଥିବା ନବୀନ ସରକାର ଚାଷୀ ତଥା କୃଷି କ୍ଷେତ୍ରକୁ ଅବହେଳା କରିଛନ୍ତି। ଏହି ଚାଷୀବିଲ୍ ପାରିତ ହେବା ପରେ ଚାଷୀମାନେ ତାଙ୍କ ଖାଦ୍ୟଶସ୍ୟର ଉପଯୁକ୍ତ ମୂଲ୍ୟ ନପାଇବାରୁ ବହୁତ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସାଧାରଣ ଜନତା ବି ଏଥିରୁ ତ୍ରାହି ପାଇନାହାନ୍ତି। ବର୍ତ୍ତମାନ ଅତ୍ୟାବଶ୍ୟକୀୟ ସାମଗ୍ରୀ, ଫଳ, ପନିପରିବା ଦର ହୁ ହୁ ହୋଇ ବଢ଼ିଚାଲିଛି। ରାଜ୍ୟରେ କରୋନା ମହାମାରୀ ବର୍ତ୍ତମାନ ସଂକଟ ପରିସ୍ଥିତି ଦେଇ ଗତି କରୁଥିବା ବେଳେ ସାଧାରଣ ଲୋକଟିଏ ଜୀବନ ବଂଚାଇବା ପାଇଁ ସଂଘର୍ଷ କରୁଛି। ଏହି ସମୟରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ବଢ଼ିବା ତାଙ୍କ ଉପରେ ବୋଝ ଉପରେ ଲଳିତାବିଡା ସଦୃଶ ହୋଇଛି। ତେଣୁ ଏହି କଳା କୃଷି ବିଲ୍ ଆଇନ୍‌କୁ ସମସ୍ତ ଜନସାଧାରଣ ବିରୋଧ କରିବା ଉଚିତ୍ ବୋଲି ଶ୍ରୀ ରାଉତରାୟ ତାଙ୍କ ଉଦ୍‌ବୋଧନରେ କହିଥିଲେ। ଆଜିର ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଶୁଭେନ୍ଦୁ ମହାନ୍ତି, ପ୍ରଦୀପ ସ୍ୱାଇଁ, ପ୍ରଦୀପ ସାହୁ, ଶିଶିର ପରିଡା, ସଂଗ୍ରାମ ରାଉତରାୟ, ସୁନିଲ୍ ରାଉତରାୟ, ସୁଧାଂଶୁ ମୋହନ ପଟ୍ଟନାୟକ, ତ୍ରିଲୋଚନ ପ୍ରଧାନ, ତପନକାନ୍ତ ଚକ୍ରବର୍ତ୍ତୀ, ଅମିତ୍ ମହାନ୍ତି, କଳିଙ୍ଗ ସାହୁ, ନୌସର ଅଲ୍ଲୀ, ବୃନ୍ଦାବନ ସାହୁ, ଅନନ୍ତ ବେହେରା, ବାବୁଲି ରାଉତରାୟ, ଦିବାକର ବେହେରା, ପଦୁ ରାୟ, ସଂଜୟ ପଟ୍ଟନାୟକ, ଜୟକୃଷ୍ଣ ମଲିଆ, ସ୍ୱାଗତ କର, ବଟକୃଷ୍ଣ ରାଉତରାୟ, ଜୟନ୍ତ ଭୋଇ, ପ୍ରସାଦ ବଳିୟାରସିଂ, କାଳନ୍ଦି ଚରଣ ନାୟକ, ସୁବାସ ପାତ୍ର ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି। ଏହା ମୋଟ ୯୦ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି। ବର୍ତ୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧ୍ୟାନର ଅଂଶବିଶେଷ। ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ। ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍‌ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍‌ସ ସାମିଲ ରହିଛି। ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍‌ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ। ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ ହାସଲ କରୁଛୁ। ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ। ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫରମାନ ଘୋଷଣା କରିଛି। ଏହି ଅଫରଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି। ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି। ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ ଘୋଷଣା କରାଯାଇଛି। ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି। ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି। ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି। ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି। ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ।

# ବେସାରିକ ଯୋଗାଣ ବିଭାଗ ଦ୍ୱାରା ପରିଚାଳିତ ଏଚ୍‌ପିସିଏଲ ଗ୍ୟାସ୍ ଗୋଦାମ ପାଇଁ ଜମି ଯୋଗାଇ ଦେବାକୁ ଦାବୀ

କେନ୍ଦୁଝର(ପିଏନ): ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ମିଳୁନଥିବାରୁ ଡିଲରସିପ ବନ୍ଦ ହେବାକୁ ଯାଉଛି। ନିଜସ୍ୱ ଗୋଦାମ ଘର ନଥିବାରୁ ବିଭିନ୍ନ ବିଭାଗର ଯଥା ଏକ୍ସପ୍ଲୋସିଭ ଲାଇସେନ୍ସ, ଫାୟରସେଫ୍ଟି ଲାଇସେନ୍ସ ୨୬ ବର୍ଷ ଧରି ମିଳିପାରୁନାହିଁ। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ପାଇଁ ବାରମ୍ବାର ସଦର ତହସିଲକୁ ଆବେଦନ କଲେ ମଧ୍ୟ ଜମି ନଥିବା କହି ତହସିଲ ପକ୍ଷରୁ ଅଗ୍ରାହ୍ୟ କରାଯାଉଛି। କେନ୍ଦୁଝର ସଦର ମହକୁମାରେ ଜନାକୀର୍ଣ୍ଣ ତଥା ଶିକ୍ଷାନୁଷ୍ଠାନକୁ ସଂଲଗ୍ନ ଥାଇ ଏକ ବିପଦସଂକୁଳ ଘରେ ଗ୍ୟାସ୍ ଗୋଦାମ ଚାଲୁଥିବାବେଳେ ଜମି ମିଳୁନଥିବାରୁ ଗୋଦାମ ଘର ହୋଇପାରୁନଥିବା ଜଣାପଡିଛି। ତେବେ ସୁରକ୍ଷା ଦୃଷ୍ଟି କୋଣରୁ ଗ୍ୟାସ ଗୋଦାମ ଜନବସତିଠାରୁ ଦୂରରେ କରିବା ପାଇଁ ନିଷ୍ପ ି ହୋଇଥିଲା। କିନ୍ତୁ ରାଜସ୍ୱ ବିଭାଗ ଆବଶ୍ୟକୀୟ ଜମି ଯୋଗାଇ ଦେଉନଥିବାରୁ ଗ୍ୟାସ ଗୋଦାମ ଅନ୍ୟତ୍ର ସ୍ଥାନାନ୍ତର ହୋଇ ପାରୁନାହିଁ। ଓଡିଶା ସରକାରଙ୍କ ଖାଉଟି କଲ୍ୟାଣ ଓ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଯୋଗାଣ ନିଗମ ନିଗମ ଲିମିଟେଡ ଦ୍ୱାରା ପରିଚାଳିତ ଏହି ଗ୍ୟାସ ଗୋଦାମ ଆବଶ୍ୟକୀୟ ସୁରକ୍ଷା ଅଭାବରୁ ଏହାକୁ ଏଲପିଜି ବିତରଣ କରୁଥିବା କମ୍ପାନୀ ବନ୍ଦ କରିବାକୁ ସ୍ପଷ୍ଟ ଭାବେ ଜଣାଇଛି। ଏଚ୍‌ପିସିଏଲର ଡିଜିଏମ ଧର୍ମେନ୍ଦ୍ର ବେହୁରା ଗୋଦାମ ଘର ନଥିବାରୁ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଆଡହକ ଡିଲରସିପ ୩୦ ନଭେମ୍ବର ୨୦୨୦ରେ ବନ୍ଦ କରିବାକୁ ଜିଲ୍ଲା ପରିଚାଳକ ବେସାମରିକ ଯୋଗାଣ ଅଧିକାରୀଙ୍କୁ ଚିଠି କରି ଜଣାଇବା ପରେ କେନ୍ଦୁଝର ସହରରେ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଏହି ଡିଲରସିପ ଅଧିନରେ ୧୭,୪୦୦ ଉପଭୋକ୍ତା ଅଛନ୍ତି। ସୂଚନାଯୋଗ୍ୟ ଯେ, କେନ୍ଦୁଝର ସହରରେ ଏଚ୍‌ପିସିଏଲ କମ୍ପାନୀ ତରଫରୁ ଗ୍ୟାସ ଯୋଗାଇବା ପାଇଁ ପୂର୍ବରୁ ମେସର୍ସ କେନ୍ଦୁଝର ଗ୍ୟାସ ଏଜେନ୍ସିକୁ ଲାଇସେନ୍ସ ପ୍ରଦାନ କରାଯାଇଥିଲା। ତେବେ ଅନିୟମିତତା ଅଭିଯୋଗରେ ୧୯୯୬ ମସିହାରେ ଏହାର ଲାଇସେନ୍ସ ସସପେଣ୍ଡ ହୋଇଥିଲା। ଏହାପରେ ଏ ସଂପର୍କିତ ଏକ ମାମଲା କୋର୍ଟରେ ବିଚାରଧିନ ଥିବାବେଳେ ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାମରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ସେବେଠାରୁ ବେସାମରିକ ଯୋଗାଣ ବିଭାଗ ସୁଚାରୁରୁପେ ଏଲପିଜି ସିଲିଣ୍ଡର ଲୋକମାନଙ୍କୁ ଘରକୁ ଘର ଗାଡି ଦ୍ୱାରା ସୁଚାରୁରୂପେ ଗ୍ୟାସ ସିଲିଣ୍ଡର ଯୋଗାଣ କରିଆସୁଛି। ଏହି ସଂସ୍ଥା ୨୬ ବର୍ଷ ଧରି ସୁରୁଖୁରୁରେ ଚାଲି ଆସୁଥିବାବେଳେ ବନ୍ଦ ହେଲେ ଗ୍ୟାସ ବିତରଣରେ ବିଭ୍ରାଟ ହେବ ଏବଂ ଉପଭୋକ୍ତାମାନେ ହଇରାଣ ହେବ ବୋଲି ବହୁ ଜନସାଧାରଣ ପ୍ରକାଶ କରିଛନ୍ତି। ଏ ନେଇ ଶୁକ୍ରବାର ଦିନ ବରଦା ପ୍ରସନ୍ନ ଦାସ, ରୁଦ୍ର ନାରାୟଣ ମହାନ୍ତ, ସୁଧାଂଶୁ ଶେଖର ସାହୁ, ଅସିତ୍ ପଟ୍ଟନାୟକ, ରମେଶ ଚନ୍ଦ୍ର ନାୟକ, ରବିନ୍ଦ୍ର କୁମାର ସେଠୀ, ବାସୁଦେବ ରାଜ, ମନୋରଞ୍ଜନ ମଙ୍ଗରାଜ, ଶୁଭେନ୍ଦୁ ସାହୁ, କବିଚରଣ ନାୟକ, ଅଜୟ ଅଗ୍ରୱାଲ, ଅନୀଲ ଅଗ୍ରୱାଲ, କା ିକ ସେଠୀ, ସୌରଭ ମହାପାତ୍ର, ଗୌତମ ମହାପାତ୍ର, ଶାନ୍ତନୁ ମହାନ୍ତି, ଶୁକୁମାର ଦେ,ରଜତ କୁମାର ଗିରି, କୌଳାଶ ଚନ୍ଦ୍ର ଜେନା,ଦେବେନ୍ଦ୍ର ନାଥ ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ସଂଜୟ କୁମାର ମହାନ୍ତ, ରାକେଶ କୁମାର ସାହୁ, ରାମଚନ୍ଦ୍ର ସେଠୀ,ସଂଜୟ କୁମାର ପଣ୍ଡା, ସତ୍ୟାନନ୍ଦ ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ମନୋଜ କୁମାର ମହାନ୍ତ,ଏମଡି ଇରସାଦ, ସୁବାସ ଚନ୍ଦ୍ର ସାହୁ, ଧରଣୀଧର ମହାନ୍ତ, ନାରାୟଣ ନାୟକ, ପ୍ରଶାନ୍ତ କୁମାର ଭଞ୍ଜଦେଓ ପ୍ରମୁଖଏକ ଦାବୀ ପତ୍ର ମାଧ୍ୟମରେ ବେସାରିକ ଯୋଗାଣ ବିଭାଗକୁ ୧ ଏକର ଜମି ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ଦାବୀ କରିଛନ୍ତି।

# ଅଧିକାର ମାଇକ୍ରୋଫାଇନାନ୍ସ: ମହିଳା ଉଦ୍ୟୋଗୀଙ୍କ ସ୍ୱପ୍ନକୁ ସାକାର କରୁଛି



ସମ୍ବଲପୁର(ପିଏନ) : ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ମାଇକ୍ରୋଫାଇନାନ୍ସ ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ଭୂମିକା ନିର୍ବାହ କରୁଛି। ଓଡ଼ିଶାର ବଲାଙ୍ଗୀର ଜିଲା ଅନ୍ତର୍ଗତ ଖଇରଟିକ୍ରା ଗ୍ରାମର ଜଣେ ଅଧିବାସୀ ପୁଷ୍ପାଞ୍ଜଳି ମେହେରଙ୍କ ଅଭିବୃଦ୍ଧି କାହାଣୀ ତାଙ୍କ ସମେତ ଅନ୍ୟ ବହୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ମହିଳାଙ୍କ ଜୀବନରେ ମାଇକ୍ରୋ-କ୍ରେଡିଟର ଗୁରୁତ୍ୱକୁ ପ୍ରଦର୍ଶିତ କରୁଛି, ଯେଉଁମାନଙ୍କ ପାଇଁ ମୁଖ୍ୟସ୍ରୋତ ବ୍ୟାଙ୍କିଙ୍ଗ୍ ସେବା ପାଇବାକୁ ସୀମିତ ସୁଯୋଗ ରହିଥିଲା। ତାଙ୍କ ସାହସ ଏବଂ ଏକାଗ୍ରତାର କାହାଣୀ ତାଙ୍କୁ ତାଙ୍କ ପରିବାରକୁ ଦାରିଦ୍ର୍ୟ ମଧ୍ୟରୁ ଆର୍ଥିକ ସ୍ଥିରତା ଆଡକୁ ଅଗ୍ରସର କରାଇବାର ଦୀର୍ଘପଥ ଅଗ୍ରସର କରାଇଛି। ପୁଷ୍ପାଞ୍ଜଳିଙ୍କର ଚାରିଜଣିଆ ପରିବାରରେ ତାଙ୍କ ସ୍ୱାମୀ ଏବଂ ଦୁଇଜଣ ବଡ ପିଲା ଅଛନ୍ତି, ଯେଉଁମାନେ ପରିବାରର ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ସଂଗ୍ରାମ କରୁଥିଲେ। ପୁଷ୍ପାଞ୍ଜଳିଙ୍କ ସ୍ୱାମୀ ଏକ କ୍ଷୁଦ୍ର ତନ୍ତ ଦୋକାନରେ ଜଣେ ସହାୟକ ଭାବେ କାମ କରନ୍ତି। ତାଙ୍କ କାର୍ଯ୍ୟରୁ ମିଳୁଥିବା ଅତି ସ୍ୱଳ୍ପ ଆୟ ପରିବାରର ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ନଥିଲା। ସେମାନଙ୍କ ଅବସ୍ଥା ଏତେ ଖରାପ ଥିଲା ଯେ ସେମାନେ ପରିବାର ପାଇଁ ଦିନକରେ ଗୋଟିଏ ଥର ପେଟପୁରା ଖାଇବା ଯୋଗାଡ କରିବାକୁ ଅସମର୍ଥ ଥିଲେ। ପ୍ରତିଟି ଦିନ ଅତିବାହିତ ହେବାସହିତ ସେମାନଙ୍କ ଅବସ୍ଥା ଅଧିକରୁ ଅଧିକ ଖରାପ ହେବାକୁ ଲାଗିଲା, ଏବଂ ସେମାନଙ୍କୁ ଅଣଆନୁଷ୍ଠାନିକ ଋଣଦାତାଙ୍କ ଉପରେ ନିର୍ଭର କରିବାକୁ ପଡିଲା, ଯାହା ମାତ୍ରାଧିକ ସୁଧହାର ଯୋଗୁଁ ସେମାନଙ୍କ ପାଇଁ ଅଧିକ ବୋଝ ହୋଇପଡିଲା। ଏଭଳି ପରିସ୍ଥିତିରେ ଭାଙ୍ଗିପଡିଥିବା ପୁଷ୍ପାଞ୍ଜଳି ନିଜେ ଆର୍ଥିକ ସ୍ୱାବଲମ୍ବୀ ହୋଇ ପରିବାରର ସ୍ଥିତିରେ ଉନ୍ନତି ଆଣିବାକୁ ସ୍ଥିରକଲେ। ସେ ଅଧିକାର ମାଇକ୍ରୋଫାଇନାନ୍ସର ମାଇକ୍ରୋଫାଇନାନ୍ସ ସୁବିଧା ସମ୍ପର୍କରେ ଅବଗତ ହେଲେ, ଅଧିକାରର ଟିମ୍ ନିକଟରୁ ସେମାନଙ୍କ ସେବା ସମ୍ପର୍କରେ ବିସ୍ତୃତ ଭାବେ ବୁଝିବା ପରେ ସେ ତୁରନ୍ତ ଅଧିକାରର ଜଣେ ସଦସ୍ୟ ହୋଇଗଲେ। ଏକ କ୍ଷୁଦ୍ର ତନ୍ତ ଦୋକାନ ଆରମ୍ଭ କରିବାକୁ ପ୍ରଥମେ ସେ ୧୦,୦୦୦ ଟଙ୍କା ଋଣ ନେଲେ। ନିଜ ସ୍ୱାମୀଙ୍କର ବୁଣାବୁଣି ଅଭିଜ୍ଞତାକୁ ଉପଯୋଗ କରି ସେମାନେ ସୁନ୍ଦର ସୁନ୍ଦର ସମ୍ବଲପୁରୀ ଶାଢୀ ତିଆରି କରିବା ଆରମ୍ଭକଲେ, ଯାହାକୁ ଗ୍ରାହକମାନେ ଅତ୍ୟନ୍ତ ପସନ୍ଦକଲେ ଏବଂ ସେମାନଙ୍କର ଆୟ ବୃଦ୍ଧିପାଇବାକୁ ଲାଗିଲା। ତାଙ୍କର ନିରବଚ୍ଛିନ୍ନ ପ୍ରୟାସ ବଳରେ ତାଙ୍କ ବ୍ୟବସାୟ ଲୋକପ୍ରିୟତା ହାସଲ କଲା ଏବଂ ତାହା ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିଲା। ସେମାନେ ମାସକୁ ୬୦୦୦ରୁ ୭୦୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରିବା ଆରମ୍ଭକଲେ। ତାଙ୍କର ପ୍ରଥମ ଋଣ ଅର୍ଥ ସଫଳତାର ସହିତ ପରିଶୋଧ କରିବାପରେ ସେ ନିଜ ବ୍ୟବସାୟ ସମ୍ପ୍ରସାରଣ କରିବାକୁ ଆଉ ୩୫,୦୦୦ ଟଙ୍କା ଋଣ ନେଲେ। କଠିନ ପରିଶ୍ରମ, ଅଧ୍ୟବସାୟ ଏବଂ ଅଧିକାର ନିକଟରୁ ସାମାନ୍ୟ ସମର୍ଥନ ପାଇ ପୁଷ୍ପାଞ୍ଜଳି ତାଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ସମର୍ଥ ହେଲେ।

# ତାରିଣୀ ମା'ଙ୍କ ବରିଷ୍ଠ ପୂଜକଙ୍କ ଦେହାନ୍ତ

ଗୋଳାବନ୍ଧ(ପିଏନ)-ଘଟଗାଁ ତାରିଣୀ ମନ୍ଦିରର ବରିଷ୍ଠ ପୂଜକ ଦୁର୍ଯ୍ୟୋଧନ ଦେହୁରୀ(୯୮)ଙ୍କ ଆଜି ସକାଳେ ଗୋଳାବନ୍ଧ ସ୍ଥିତ ନିଜ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ବାର୍ଦ୍ଧକ୍ୟ କାରଣରୁ ସେ ଦୀର୍ଘଦିନ ହେବ ଅସୁସ୍ଥ ଥିଲେ। ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ସମସ୍ତ ପୁଅ, ଝିଅ, ନାତି, ନାତୁଣୀମାନେ ଉପସ୍ଥିତ ଥିଲେ। ଅଂଚଳର ବହୁ ବରିଷ୍ଠ ନେତୃବୃନ୍ଦ ଦର୍ଶନ କରିବା ପରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ମା'ତାରିଣୀଙ୍କ ବରିଷ୍ଠ ପୂଜକଙ୍କ ମୃତ୍ୟୁ ଖବର ଶୁଣିବା ପରେ ଗୋଳାବନ୍ଧ ଠାରୁ ଆରମ୍ଭ କରି ଘଟଗାଁ ଅଂଚଳରେ ଶୋକର ଛାୟା ଖେଳିଯାଇଛି।

# କାଦୁଅ ବିଲରେ ଫସି ହାତୀ ଶାବକର ମୃତ୍ୟୁ



କେନ୍ଦୁଝର(ପିଏନ)-ଭୂୟାଁ ଜୁଆଙ୍ଗ ପୀଢ କୁଶକଳା ବିଟ୍ ଅନ୍ତର୍ଗତ ନଡାପାଣି ଗାଁ ବିଲ କାଦୁଅରେ ଫସି ଗୋଟିଏ ୨ବର୍ଷର ହାତୀ ଶାବକର ମୃତ୍ୟୁ ହୋଇଥିବା ଜଣାପଡିଛି। ୯ଟି ହାତୀ ଥିବା ଗୋଟିଏ ଦଳ ଗୁରୁବାର ଦିନ ପାହାଡତଳ ଗାଁ ନଡାପାଣିରେ ରହିଥିଲେ। ଏହି ଦଳରେ ୨ଟି ଦନ୍ତା, ୪ଟି ମାଈ ଓ ୩ଟି ଛୁଆ ହାତୀ ଥିଲେ। ବନବିଭାଗର ସ୍କାର୍ଡ ମଧ୍ୟ ଏହି ଦଳ ଉପରେ ତୀକ୍ଷଣ ନଜର ରଖିଥିଲା। ତେବେ ଭୋର ସମୟରେ ହାତୀ ଦଳ କାଦୁଅ ବିଲ ଦେଇ ଯାଉଥିବାବେଳେ ୨ବର୍ଷର ଶାବକଟି କାଦୁଅରେ ଫସି ଯାଇଥିଲା। ଅନ୍ୟ ହାତୀମାନେ ଶାବକଟିକୁ କାଦୁଅରୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଶୁକ୍ରବାର ସକାଳୁ ସ୍ଥାନୀୟ ଲୋକେ ହାତୀ ଗର୍ଜନ ଶୁଣି ବନବିଭାଗକୁ ଖବର ଦେଇଥିଲେ। ବିଜେପି ରେଞ୍ଜର ମାନସ କୁମାର ମୁର୍ମୁ,ଶୁଆକାଟୀ ଫରେଷ୍ଟର ଟିକେଶ୍ୱର ମହାନ୍ତ ଏବଂ ଅନ୍ୟ ବନ କର୍ମଚାରୀ ଘଟଣାସ୍ଥଳରେ ସକାଳ ୯ଟା ସମୟରେ ପହ ିବା ବେଳକୁ ହାତୀ ଶାବକଟିର ମୃତ୍ୟୁ ହୋଇଯାଇଥିବା ଦେଖିବାକୁ ମିଳିଥିଲା। କେନ୍ଦୁଝର ଡିଏଫଓ ସ୍ୱୟମ ମଲ୍ଲିକ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଥିବାବେଳେ ଶନିବାର ଦିନ ହାତୀ ଶାବକଟିର ଶବ ବ୍ୟବଛେଦ କରାଯିବ ବୋଲି ଜଣାପଡିଛି।

# କ୍ରସରରେ ଚାପିହୋଇ ଜଣେ ଶ୍ରମିକ ମୃତ, ଅନ୍ୟ ଜଣେ ଗୁରୁତର

ଧର୍ମଶାଳା,(ପିଏନ୍): ଧର୍ମଶାଳା ତହସିଲ ଜେନାପୁର ଥାନା ଅନ୍ତର୍ଗତ ରହାଡପୁରସ୍ଥିତ ଏକ କ୍ରସର୍ ରେ କାମ କରୁଥିବା ବେଳେ ଅଘଟଣ ଘଟି ଜଣେ ଶ୍ରମିକ ଙ୍କ ମୁତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି । ମୃତ ଶ୍ରମିକ ଜଣକ ପଶ୍ଚିମବଙ୍ଗ ବାଙ୍କୁଡା ଜିଲ୍ଲା ଖଜୁରିଆ ଗ୍ରମର ଶ୍ୟମଚରଣ ହଂସଦା (୪୫) ଓ ଆହତ ଜଣକ ସେହି ଗ୍ରାମର ଅନିଲ ସୋରେନ (୩୨) ବୋଲି ଜଣାପଡିଛି ସୂଚନା ମୁତାବକ ରହାଡପୁର ରେ ଥିବା ଶିବଶକ୍ତି ମେଗା କ୍ରାସର ରେ ଆଜି ସକାଳୁ ଶ୍ରମିକମାନେ କାମ କରୁଥିବା ବେଳେ ଅସାବଧାନତା ବସତ କ୍ରଶର ଚକରେ ଚାପି ହୋଇ ଜଣକର ମୃତ୍ୟୁ ଘଟିଥିବା ବେଳେ ଆନ୍ୟ ଜଣେ ଶ୍ରମିକ ଗୁରୁତର ଆହତ ହୋଇଥିଲେ । ଦୁର୍ଘଟଣାରେ ଆହତ ଶ୍ରମିକଙ୍କୁ ସ୍ଥାନୀୟ ଶ୍ରମିକମାନେ ଉଦ୍ଧାର କରି ବଡଚଣା ଡାକ୍ତରଖାନାରେ ଭର୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ଘଟଣାସ୍ଥାଳରେ ମୃତ୍ୟୁ ଘଟିଥିବା ଶ୍ରମିକର ମୃତଦେହକୁ କ୍ରଶର ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀ ଏକ ମହେନ୍ଦ୍ର ପିକଅପଭ୍ୟାନରେ ଭତିକରି ମୃତକର ଶବ କୁ ଅନ୍ୟତ୍ର ନେଇଯାଉଥିବା ବେଳେ ଶବକୁ ଗାଏବ୍ କରିବା ଅଭିଯୋଗ କରି ସ୍ଥାନୀୟ ଲୋକେ ସମ୍ପାରୁ ଛକରେ ମୃତ ଦେହକୁ ଅଟକ ରଖି ରାସ୍ତା ରୋକ କରିଥିଲେ । ଫଳରେ ସେଠାରେ କିଛି ସମୟ ପାଇଁ ଚାପା ଉତେଜନା ପ୍ରକାଶ ପାଇଥିଲା । ଖବର ପାଇ ଘଟଣା ସ୍ଥଳରେ ଯାଜପୁର ରୋଡ ଏସଡିଓ ସୟ କୁମାର ପଟ୍ଟନାୟକ, ବଡ଼ଚଣା ଥାନା ଅଧିକାରୀ ଶରତ କୁମାର ପାତ୍ର, ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ, ଜେନାପୁର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁଙ୍କ ସମେତ ଥାନା କର୍ମଚାରୀମାନେ ସେଠାରେ ଉପସ୍ଥିତ ରହି ଲୋକଙ୍କୁ ବୁଝାଶୁଝା କରିଥିଲେ ।

# ରାଜ୍ୟରେ ନାରୀ ଅସୁରକ୍ଷିତ ଓ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ : କଂଗ୍ରେସ



ଭୁବନେଶ୍ୱର (ପିଏନ)- ତିର୍ତୋଲ ଅଂଚଳର ଜୈନିକା ନାବାଳିକାକୁ କଟକର ଚାଉଳିଆଗଞ୍ଜ ଥାନା ଅଧିନସ୍ଥ ଗତିରାଉତପାଟଣାର ଏକ ପରିତ୍ୟକ୍ତ ଘରେ ୨୨ ଦିନ କାଳ ବନ୍ଦି କରି ରଖି ଗଣଦୁଷ୍କର୍ମ କରିବା ଘଟଣାରେ ରାଜ୍ୟରେ ଆଇନ୍ ଶୃଙ୍ଖଳା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ଏବଂ ନାରୀ ଅସୁରକ୍ଷିତ ବୋଲି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସିଧାସଳଖ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର। ଘଟଣା ସଂପର୍କରେ ପୋଲିସ ପାଖରେ ଅପରାଧିଙ୍କ ସଂପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ଭିତିକ ଅଭିଯୋଗ ହେବାର ୪୮ ଘଂଟା ବିତି ଯାଇଥିଲେ ମଧ ଅପରାଧିଙ୍କୁ ପୋଲିସ ଧରିବାରେ ବିଫଳ। ସମଗ୍ର ଦେଶରେ ଦଣ୍ଡହାର ଠାରୁ ରାଜ୍ୟର ଦଣ୍ଡ ହାର ସର୍ବନିମ୍ନ। ଯେଉଁଥି ପାଇଁ ଅପରାଧିମାନେ ଅପରାଧ ଘଟାଇବା ପାଇଁ ପଛଘୁଂଚା ଦେଉନାହାନ୍ତି ଏବଂ ଅପରାଧିମାନଙ୍କୁ ଦଣ୍ଡ ଦେବା ପାଇଁ ସରକାରଙ୍କର ମାନସିକତା ମଧ ନାହିଁ। କାରଣ ଦୀର୍ଘ ୨୦ ବର୍ଷର ଶାସନ କାଳରେ ଅଧିକାଂଶ ଅପରାଧିକ ଘଟଣାରେ ସରକାରୀ ଦଳର କର୍ମୀ ସଂପୃକ୍ତ ହୋଇଥିବାରୁ ତଦନ୍ତକାରୀ ସଂସ୍ଥା ଅପରାଧିଙ୍କ ପ୍ରତି କୋହଳ ମନୋଭାବ ରଖି ଅଭିଯୋଗ ଫର୍ଦ୍ଦ ଦାଖଲ କରୁଥିବାରୁ ଅପରାଧିମାନେ ଅପରାଧ ଘଟାଇ ଖସିବାରେ ସଫଳ ହେଉଛନ୍ତି ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିବା ସହିତ ରାଜ୍ୟରେ ପିପିଲିର ବେବିନା, ଟିକିରି ଶିକ୍ଷୟତ୍ରୀ ଇତିଶ୍ରୀ ପ୍ରଧାନ ଓ ଆୟୁଷ ଡାକ୍ତରାଣୀ ମାଧବୀଲତା ଘଟଣାକୁ ରାଜ୍ୟ ସରକାର ଯେଭଳି ଭାବେ ତଦନ୍ତ କରାଇଲେ ତାହା ସମସ୍ତ ରାଜ୍ୟବାସୀ ଅବଗତ। ବିଶେଷକରି କୁନ୍ଦୁଲି ଘଟଣାରେ ସରକାରଙ୍କର ତଦନ୍ତ ଏବଂ ମାତ୍ରାଧିକ ଚାପ ସହି ନପାରି କୁନ୍ଦୁଲି ପୀଡିତା ଆତ୍ମହତ୍ୟା କରିଥିଲେ। ତେଣୁ ତିର୍ତୋଲ ପୀଡିତାଙ୍କ କ୍ଷେତ୍ରରେ କୁନ୍ଦୁଲି ଘଟଣାର ଯେଭଳି ପୁନରାବୃତି ନହେଉ, ସେଥିପାଇଁ ରାଜ୍ୟ ସରକାର ଉଚ୍ଚସ୍ତରୀୟ କ୍ରାଇମ୍‌ବ୍ରାଂଚ ତଦନ୍ତ କରାଇବା ସହିତ ପରିବାରକୁ ସୁରକ୍ଷା, ପୀଡିତା ରୋଜଗାରକ୍ଷମ ହେବା ପର୍ଯ୍ୟନ୍ତ ତା'ର ସମସ୍ତ ଭରଣପୋଷଣ ଖର୍ଚ୍ଚ ଓ ମାଗଣା ଶିକ୍ଷା ସହିତ ପୀଡିତାର ପରିବାରକୁ ସରକାରଙ୍କର ଜନମଙ୍ଗଳକାରୀ ଯୋଜନାରେ ସାମିଲ କରି ସାମାଜିକ ସୁରକ୍ଷା ପ୍ରଦାନ, ୨୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବାକୁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ରଶ୍ମି ମହାପାତ୍ର, ଜିନେ୍ ଦାସ, ନାରାୟଣ ଜେନା, ଦୀପକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




## ଜୟପ୍ରକାଶ ହସ୍‌ପିଟାଲକୁ ଡିଏମ୍‌ଏଫ୍‌ରୁ ବେଆଇନ୍ ଭାବେ ଅର୍ଥ ଯୋଗାଣର ଭିଜିଲାନ୍ସ ତଦନ୍ତ ଦାବିକଲା କଂଗ୍ରେସ

ରାଉରକେଲା (ପିଏନ୍): ରାଉରକେଲାର ଦାଣ୍ଡିଆପାଲିଠାରେ ଅବସ୍ଥିତ ଜୟପ୍ରକାଶ ହସ୍‌ପିଟାଲ ପ୍ରତିଷ୍ଠା ଦିନଠାରୁ ବିବାଦରେ ରହିଆସିଛି । ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟ' ସମସ୍ତେ ଉକ୍ତ ହସ୍‌ପିଟାଲକୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରୁଛ଼ର୍ନ୍ତି । ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି (ଡିଏମ୍‌ଏଫ୍)ରୁ ଉକ୍ତ ହସ୍‌ପିଟାଲକୁ କରୋନା ରୋଗୀଙ୍କ ଚିକିତ୍ସା ପାଇଁ ଯେପରି ବିପୁଳ ଅର୍ଥ ଅଯଥାରେ ଯୋଗାଇ ଦିଆଯାଉଥିବା ପ୍ରତିବାଦ କରି ରାଉରକେଲା ଜିଲ୍ଲା କଂଗ୍ରେସ ପକ୍ଷରୁ ଏହାର ଭିଜିଲାନ୍ସ ତଦନ୍ତ କରିବା ନିମନ୍ତେ ସ୍ଥାନୀୟ ଦୁର୍ନୀତି ନିବାରଣ ଏସ୍‌ପିଙ୍କ ନିକଟରେ ଏତଲା ପ୍ରଦାନ କରାଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବିଗତ ଦିନରେ କରୋନା ରୋଗୀଙ୍କ ଚିକିତ୍ସା ପାଇଁ ଉକ୍ତ ଜୟପ୍ରକାଶ ହସ୍‌ପିଟାଲକୁ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ୧୦୫ କୋଟି ଟଙ୍କା ଯୋଗାଇ ଦିଆଯାଇଛି । ବିଧାନସଭାରେ ମନ୍ତ୍ରୀ ଦେଇଥିବା ସୂଚନା ଅନୁସାରେ ଭୁବନେଶ୍ୱର ସ୍ଥିତ ସମ୍ ହସ୍‌ପିଟାଲକୁ କୋଭିଡ୍ ରୋଗୀଙ୍କ ପିଛା ରାଜ୍ୟ ସରକାର ୧,୨୪,୬୭୨ ଟଙ୍କା ଯୋଗାଇ ଦେଇଥିବା ବେଳେ କିମ୍‌ସ ହସ୍‌ପିଟାଲକୁ ରୋଗୀ ପିଛା ୯୮,୨୭୩ ଟଙ୍କା ଦେଇଛନ୍ତି । କିନ୍ତୁ ଜୟପ୍ରକାଶ ହସ୍‌ପିଟାଲକୁ ରୋଗୀ ପିଛା ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ୫ ଲକ୍ଷ ୧୮ ହଜାର ୯୬୯ ଟଙ୍କା ଦିଆଯାଇଛି । ସମ୍ ଓ କିମ୍‌ସ ହସ୍‌ପିଟାଲର ଭିତ୍ତିଭୂମି ତଥା ଚିକିତ୍ସାର ମାନ ଜୟପ୍ରକାଶ ହସ୍‌ପିଟାଲଠାରୁ ଯଥେଷ୍ଟ ଉନ୍ନତ ହୋଇଥିବା ବେଳେ କେଉଁ ଯୁକ୍ତିରେ ଜୟପ୍ରକାଶ ହସ୍‌ପିଟାଲକୁ ରୋଗୀ ପିଛା ଏପରି ବିପୁଳ ଅର୍ଥ ଯୋଗାଇ ଦିଆଯାଇଛି ତାହା ନିହାତି ତଦନ୍ତ ସାପେକ୍ଷ । କାରଣ ଏହି ବିପୁଳ ଅର୍ଥ ଯୋଗାଣରେ କିଛି ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀ ଓ ଶାସକ ଦଳର ରାଜନେତାଙ୍କ ହାତ ଚିକ୍କଣ ହୋଇଥିବାର ଗନ୍ଧ ସ୍ପଷ୍ଟ ବାରି ହେଉଛି । ତେଣୁ ଏହି ଅର୍ଥ ଯୋଗାଣ ସମ୍ପର୍କରେ ଭିଜିଲାନ୍ସ ତଦନ୍ତ କରାଗଲେ ସତ୍ୟାସତ୍ୟ ଉନ୍ମୋଚନ ହେବା ସହିତ ରୋଗୀ ଚିକିତ୍ସା ନାଁରେ ହଡପ ହୋଇଥିବା ବିପୁଳ ଅର୍ଥକୁ ଉଦ୍ଧାର କରାଯାଇପାରିବ । ସେହିପରି କୋଭିଡ୍‌ର ଦ୍ୱିତୀୟ ଲହର ବେଳେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ତରଫରୁ ଉକ୍ତ ଜୟପ୍ରକାଶ ହସ୍‌ପିଟାଲରେ ୫ ଶହ ଆଇସିୟୁ ଶଯ୍ୟା ପାଇଁ ଅର୍ଥ ଯୋଗାଇ ଦିଆଯାଇଥିବାର କୁହାଯାଇଛି । ତେବେ ଉକ୍ତ ହସ୍‌ପିଟାଲରେ ବାସ୍ତବରେ କେତେ ଆଇସିୟୁ ଶଯ୍ୟା ଉପଲବ୍ଧ ତାହା ମଧ୍ୟ ତଦନ୍ତ ସାପେକ୍ଷ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଏହି ଦାବିପତ୍ର ପ୍ରଦାନ ବେଳେ ଜିଲ୍ଲା କଂଗ୍ରେସ ସଭାପତି ଦେବବ୍ରତ ବିହାରୀ, ରାଉରକେଲା ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ମହିଳା ସଭାନେତ୍ରୀ ନିରୂପମା ବଳିୟାରସିଂ, ପିସିସି ସଭ୍ୟା ପ୍ରଭାତୀ ମିଶ୍ର, ଏଆଇସିସି ଓବିସି ସହସଂଯୋଜକ କୈଳାସ ଚନ୍ଦ୍ର ସାହୁ, ବିଜୟ ଆପଟ, ଭାସ୍କର ଖିଲ୍ଲାର, ସାରଦା ପ୍ରସନ୍ନ ଦାସ, ଲୀନା ଦାସ, ସିଦ୍ଧେଶ୍ୱର ମଲ୍ଲିକ, ଅଭିମନ୍ୟୁ ଦାସ, କାର୍ତ୍ତିକ ଚନ୍ଦ୍ର ବେହୁରିଆ ଉପସ୍ଥିତ ଥିଲେ ।

## ବିଜେଡି କର୍ମୀ ବିଜେପିରେ ମିଶିଲେ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ପାଟପୁର ପଂଚାୟତର ପୁର୍ବତନ ବିଜେଡି ସଭାପତି ଶରତ ସିଂ ଓ ଗଣେଶ୍ୱର ମଳିକଙ୍କ ନେତୃତ୍ୱରେ ବହୁ କର୍ମୀ ବିଜେଡି ଛାଡି ବିଜେପିରେ ଯୋଗଦେଇଛନ୍ତି । ଧର୍ମଶାଳା ବିଜେପି ନେତ୍ରୀ ସ୍ମୃତିରେଖା ପହି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତି ଆସ୍ଥା ପ୍ରକଟ କରି ଏମାନେ ବିଜେଡି ଛାଡି ବିଜେପିରେ ଯୋଗଦେଇଛନ୍ତି । ପାଟପୁରଠାରେ ପଂଚାୟତ ବିଜେପି ସଭାପତି ନେତ୍ରାନନ୍ଦ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ମିଶ୍ରଣ ପର୍ବରେ ପାଟପୁର ସରପଂଚ ସନ୍ଧ୍ୟାରାଣୀ ନାୟକ ଯୋଗଦେଇ ଦଳରେ ସାମିଲ ହୋଇଥିବା କର୍ମୀଙ୍କୁ ଦଳୀୟ ଉତରୀୟ ଦେଇ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପଂଚାୟତ ବିଜେପି ଉପସଭାପତି ପ୍ରଭାତ ମହାପାତ୍ର ଓ ବରିଷ୍ଠ ବିଜେପି କର୍ମକର୍ତାମାନେ ରହି ସ୍ୱାଗତ ଜଣାଇଥିଲେ ।

## ଓଡ଼ିଶାର ସାମଗ୍ରିକ ବିକାଶ କେବଳ କଂଗ୍ରେସ ହିଁ କରିଛି ଏବଂ କରିବ

ଭୁବନେଶ୍ୱର (ପିଏନ୍)- ଜନସଂପର୍କ ଯାତ୍ରାର ପ୍ରଥମ ପର୍ଯ୍ୟାୟର ତୃତୀୟ ଦିନରେ ବାଲେଶ୍ୱର ଆଇଟିଆଇ ପଡ଼ିଆରେ ଆୟୋଜିତ ଏକ ସାଧାରଣ ସଭାରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ କଂଗ୍ରେସ ନେତୃବର୍ଗ, କର୍ମୀ ଓ ସାଧାରଣ ଜନତାଙ୍କୁ ସମ୍ବୋଧିତ କରି କହିଲେ ଯେ ବାଲେଶ୍ୱର ମାଟି ହେଉଛି ବ୍ୟାସକବି ଫକୀର ମୋହନଙ୍କର ମାଟି । ଏ ବାଲେଶ୍ୱର ଜିଲ୍ଲା ଧାନ, ପାନ ଓ ମିନର ଜିଲ୍ଲା । ଆଜି ଓଡ଼ିଶାରେ ଯେଉଁ କିଛି ବୃହତ ଶିଳ୍ପ ଆପଣ ଦେଖୁଛନ୍ତି ତାହା କେବଳ କଂଗ୍ରେସ ସରକାର ସମୟରେ ହିଁ ହୋଇଥିଲା । ସେ ପାରାଦ୍ୱୀପ ବନ୍ଦର, ରାଉରକେଲା ଷ୍ଟିଲ ପ୍ଲାଂଟ, ନାଲକୋ, ହାଲ, ଗୋଳାବାରୁଦ କାରଖାନାଠାରୁ ଆରମ୍ଭ କରି ଚିଲିକାରେ ନୌବାହିନୀ ତାଲିମ କେନ୍ଦ୍ର ଇତ୍ୟାଦି ଏହାର ମୂକସାକ୍ଷୀ । ଭାରତବର୍ଷର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କର ପ୍ରଧାନମନ୍ତ୍ରିତ୍ୱ କାଳରେ ଓଡ଼ିଶାର ଶିଳ୍ପ ବିକାଶ ଓ ଓଡ଼ିଶାର ଭବିଷ୍ୟତର ଇତିହାସ ଲେଖାଯାଇଥିଲା । ସେହିଭଳି ଭାବରେ କଂଗ୍ରେସ ସରକାର ସମୟରେ ରାଜ୍ୟରେ ଶିଳ୍ପର ବାତାବରଣକୁ ସୃଷ୍ଟି କରିବା ପାଇଁ ପ୍ରତ୍ୟେକ ଜିଲ୍ଲାର ଶିଳ୍ପାଂଚଳ ସୃଷ୍ଟି କରାଯାଇ ବହୁ ଶିଳ୍ପ ପ୍ରତିଷ୍ଠା କରାଯାଇଥିଲା । ବାଲେଶ୍ୱର ଜିଲ୍ଲାରେ ବିର୍ଲା ଟାୟାର୍ସ, ପୋଲାର ଲାଟେକ୍ସ, ଇସ୍ପାତ ଆଲଓ୍ୱେଜ ଏବଂ ଗ୍ୟାସ ସିଲିଣ୍ଡର ଉତ୍ପାଦନ କାରଖାନା ମଧ୍ୟ କରାଯାଇଥିଲା । ଶିକ୍ଷାର ବିକାଶ ପାଇଁ ଶିଳ୍ପ ତାଲିମ କେନ୍ଦ୍ରଠାରୁ ଆରମ୍ଭ କରି ବହୁ ନୂଆ କଲେଜ, ବିଦ୍ୟାଳୟମାନ ପ୍ରତିଷ୍ଠା କରାଯାଇଥିଲା । କିନ୍ତୁ ଦୁଃଖର କଥା ମୁଖ୍ୟମନ୍ତ୍ରୀ ଦୀର୍ଘ ୧୦ବର୍ଷ କାଳ ଧରି ଦେଶ ଭିତରେ ଏବଂ ଦେଶ ବାହାରେ ପୁଂଜିପତିମାନଙ୍କୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ବହୁ ବୈଠକ କରୁଛନ୍ତି । ସରକାର ନିଜେ କହୁଛନ୍ତି ଲକ୍ଷ ଲକ୍ଷ କୋଟି ଟଙ୍କାର ପୁଂଜି ଆସିଛି କିନ୍ତୁ ବାଲେଶ୍ୱର ଜିଲ୍ଲାରେ ଏହି ୨୨ ବର୍ଷ ଭିତରେ କେତୋଟି ଶିଳ୍ପ ହୋଇଛି ବୋଲି ପ୍ରଶ୍ନ କରିଛନ୍ତି ଶରତ । ଏ ଜିଲ୍ଲାର ବହୁ ଲୋକଙ୍କର ଜୀବନରେଖା ଥିଲା ବିର୍ଲା ଟାୟାର୍ସ, ବାଲେଶ୍ୱର/ଇସ୍ପାତ ଆଲଓ୍ୱେଜ ଆଜି ବନ୍ଦ କାହିଁକି । ମୁଖ୍ୟମନ୍ତ୍ରୀ ଏ ଶିଳ୍ପପତିଙ୍କ ସହିତ କେତେଥର ଆଲୋଚନା କରିଛନ୍ତି । କେତୋଟି କୃଷିଭିତିକ ଶିଳ୍ପ ଏ ଜିଲ୍ଲାରେ ଅଛି । ରାଜ୍ୟ ସରକାର କହିବେ କି ଶୀତଳ ଭଣ୍ଡାର କେଉଁ କେଉଁ ଜାଗାରେ କରିଛନ୍ତି । ଆଜି ସାରା ଓଡ଼ିଶାର ଶିକ୍ଷିତ ଯୁବକଯୁବତୀମାନେ ଶହ ଶହ କିଲୋମିଟର ଦୂରକୁ ଯାଉଛନ୍ତି ନିଜର କର୍ମନିଯୁକ୍ତି ପାଇଁ । ୨୨ ବର୍ଷପରେ ଓଡ଼ିଶା ଆଜି ସବୁ କ୍ଷେତ୍ରରେ ପଛୁଆ । ଏପରିକି ରୋଜଗାର କ୍ଷେତ୍ରରେ ଆମେ ଝାଡ଼ଖଣ୍ଡ, ବିହାର ଠାରୁ ମଧ୍ୟ ପଛୁଆ । ଏ ଜିଲ୍ଲାର କୃଷକ ଭାଇଙ୍କ କଥା କହିବି ନାହିଁ । ବାରମ୍ବାର ପ୍ରତିଶୃତି ଦିଆଯାଇଥିଲା ଯେ ପ୍ରତ୍ୟେକ ବ୍ଲକରେ ସର୍ବନିମ୍ନ ୩୫% ଜଳସେଚନ କରାଯିବ ବୋଲି । ୨୦୦୯ରେ ଦେଇଥିବା ପ୍ରତିଶୃତିକୁ ୨୦୨୨ରେ ବି ପୂରଣ ହୋଇପାରିଲା ନାହିଁ । ମୁଖ୍ୟମନ୍ତ୍ରୀଙ୍କର ଆନ୍ତରିକତା ନାହିଁ, ନିଷ୍ଠା ନାହିଁ ରାଜ୍ୟକୁ ଆଗକୁ ନେବାପାଇଁ । ପ୍ରତିଦିନ ମାଳ ମାଳ ଯୋଜନା ଏତେ ଯୋଜନା ପରେ ମଧ୍ୟ କାହିଁକି ଏ ସମସ୍ତ ଯୋଜନା ରାଜ୍ୟର ଜନଜୀବନର ସାମୂହିକ ପରିବର୍ତନ କରିପାରିଲା ନାହିଁ । ଗୋଟେ ରାଜ୍ୟର ଭବିଷ୍ୟତ ଜୋତା, ଛତା, ଲାପଟପ, ସାଇକେଲ, ଦୁଇହଳ ପୋଷାକ ଓ ଅଣ୍ଡା ଦ୍ୱାରା ନିର୍ଦ୍ଧାରଣ କରାଯାଇପାରିବ ନାହିଁ । ଏଥିପାଇଁ ଯୋଜନା ସହିତ ନିଷ୍ଠାର ଆବଶ୍ୟକତା ରହିଛି । କଂଗ୍ରେସ ସରକାର ଆସିଲେ ୨୦୦ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି ସମସ୍ତଙ୍କୁ ଯୋଗାଇ ଦିଆଯିବ । ଏ ଜିଲ୍ଲାର ନୂତନ ଶିଳ୍ପ ପ୍ରତିଷ୍ଠା କରିବା ସହିତ କୃଷି ବିଶ୍ୱବିଦ୍ୟାଳୟ ତୁରନ୍ତ ସ୍ଥାପନ କରିବୁ । ଆମେ ଯେଉଁ ଏମ୍ସ ହସପିଟାଲ କରିଥିଲୁ ଏହାକୁ ପୂର୍ଣ୍ଣ କ୍ଷମତା ବିଶିଷ୍ଟ ହସପିଟାଲ କରିବୁ । ମୋର କଂଗ୍ରେସ କର୍ମୀ ଭାଇମାନଙ୍କୁ ଓ ନେତୃବର୍ଗଙ୍କୁ ଯୋଡ଼ହସ୍ତରେ ନିବେଦନ ଆମେ ସମସ୍ତେ ସମସ୍ତ ମନୋମାଳିନ୍ୟକୁ ଭୁଲି ଏକ ହୋଇ କଂଗ୍ରେସକୁ ରାଜ୍ୟ ଶାସନକୁ ଆଣିବୁ । ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ଶ୍ରୀ ସଂଜିବ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜନସଭାରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦ ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ପୂର୍ବତନ ମନ୍ତ୍ରୀ ଯୁଧିଷ୍ଠିର ଜେନା, ପୂର୍ବତନ ବିଧାୟକ ଗୋପନାରାୟଣ ଦାସ, ଦେବାଶିଷ ପଟ୍ଟନାୟକ, ଅକ୍ଷୟ ଆଚାର୍ଯ୍ୟ, ପିସିସି ଉପସଭାପତି ସୁରେଶ ମହାପାତ୍ର, କିଶୋର ଜେନା, ଶୁଭେନ୍ଦୁ ମହାନ୍ତି, ଲୋକନାଥ ମହାରଥି, ଜ୍ଞାନରଂଜନ ପଟ୍ଟନାୟକ, ଜାନକୀବଲ୍ଲଭ ପଟ୍ଟନାୟକ, ଅର୍ଚ୍ଚନା ନନ୍ଦି, ପ୍ରଜ୍ଞା ମହାନ୍ତି, ମମତା କୁଣ୍ଡୁ, ଚିତ ଷଡ଼ଙ୍ଗୀ, ମନୋଜମଂଜରି ଦେବୀ, ବିଜନ ଦାସ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ, ମୟୁରଭଂଜ ଜିଲ୍ଲା କଂଗ୍ରେସ ସଭାପତି ହେମନ୍ତ ଦାସ, ସୁଦର୍ଶନ ଦାସ, ସତ୍ୟଶିବ ଦାସ, ରାଜ୍ୟ ସାମାଜିକ ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅଭିଷେକ ମହାନନ୍ଦ, ରଂଜନ ଦାସ, ଗୌତମ ସାହୁ, ପଦ୍ମାକର ଗୁରୁ ସମେତ ଜିଲ୍ଲାର ସମସ୍ତ ବ୍ଲକ କଂଗ୍ରେସ ସଭାପତିଗଣ ଏବଂ ଜିଲ୍ଲାର କଂଗ୍ରେସର ଯୁବ ମହିଳା, ଛାତ୍ର କର୍ମୀ ହଜାର ହଜାର ସଂଖ୍ୟାରେ ଯୋଗଦେଇଥିଲେ । ଶେଷରେ ପିସିସି ସଂପାଦକ ଅର୍ଚ୍ଚନା ନନ୍ଦି ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇ ଆଇଟିଆଇ ପଡ଼ିଆ ପର୍ଯ୍ୟନ୍ତ ନିଆଯାଇଥିଲା । ଏଠାରେ ସୂଚାଇ ଦେଉଛିକି ଏହିପରି ଜନସଂପର୍କ ଯାତ୍ରା ପରବର୍ତୀ ପର୍ଯ୍ୟାୟରେ ରାଜ୍ୟର ସମସ୍ତ ଜିଲ୍ଲାରେ ଅନୁଷ୍ଠିତ ହେବ ।

## ଦୀପ ତଳ ଅନ୍ଧାର: ସାଇ ନଗର ବାସିନ୍ଦା କ'ଣ ସରକାରଙ୍କ ସାବତ ପୁଅ ?

ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱର ମ୍ୟୁନିସିପାଲ କମିଶନର ଭୁବନେଶ୍ୱରସ୍ଥିତ ୨୨ ନଂ ଓ୍ୱାର୍ଡର ସାଇ ନଗର ବାସିନ୍ଦାମାନେ ଲିଖିତ ଭାବେ ଅଭିଯୋଗ କରିଥିଲେ ଏବଂ ପୁନର୍ବାର ୧ ଏପ୍ରିଲ ୨୦୨୨ ମାନନୀୟା ଡେପୁଟୀ ମେୟରଙ୍କୁ ସ୍ଥାନୀୟ ବାସିନ୍ଦାମାନେ ଲିଖିତ ଭାବେ ଅଭିଯୋଗ ଦାଖଲ କରିଥିଲେ । ପକ୍କା ରାସ୍ତା, ଡ୍ରେନ ବ୍ୟବସ୍ଥା ଏବଂ ପରିମଳ ବ୍ୟବସ୍ଥା ଯଥାଶୀଘ୍ର ଆରମ୍ଭ କରିବା ପାଇଁ କିନ୍ତୁ ବିଡମ୍ବନାର ବିଷୟ ବର୍ଷେରୁ ଉର୍ଦ୍ଧ୍ୱ ପୁରିବାକୁ ବସିଲାଣି ସ୍ଥାୟୀ ବାସିନ୍ଦାଙ୍କର ଗୁହାରିକୁ କର୍ତୃପକ୍ଷ କୌଣସି ପରିସ୍ଥିତିରେ କର୍ଣ୍ଣପାତ କରିଲେ ନାହିଁ । ଯାହାଫଳରେ ଲୋକମାନେ ନିଜର ମୌଳିକ ଅଧିକାର ପାଇପାରୁନାହାଁନ୍ତି । ସାଇ ନଗର ଯୋଉଟା କି ବିଏମ୍‌ସିର ଓ୍ୱାର୍ଡ ନଂ-୨୨ ଅନ୍ତର୍ଗତ । ୫ଟି ଲେନ୍ ବିଶିଷ୍ଟ ଏବଂ ୭୦ଟି ଘର, ୧୫୦ ପ୍ଲଟ ବର୍ତମାନ କାର୍ଯ୍ୟ ଚାଲିଛି । ୫୦୦ ଜଣ ସ୍ଥାନୀୟ ବାସିନ୍ଦା ଗତ ୧୪ବର୍ଷ ହେଲା ସେହି ଯାଗାରେ ରହିଆସୁଛନ୍ତି । ଦୁଃଖ ଓ ବଡମ୍ବନାର ବିଷୟ କି ଅଭିଯୋଗର ବର୍ଷେରୁ ଉର୍ଦ୍ଧ୍ୱ ପୁରିଗଲେ ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ସମସ୍ତ ବାସିନ୍ଦାମାନେ ବିଏମ୍‌ସିକୁ ହୋଲ୍‌ଡିଙ୍ଗ ଟ୍ୟାକ୍ସ ଦେଉଛନ୍ତି ।

## ଅଙ୍ଗନବାଡି ଜରିଆରେ ଶିଶୁମାନଙ୍କୁ ନିମ୍ନମାନର ଖାଦ୍ୟ ଯୋଗାଣ



ରାଉରକେଲା (ପିଏନ୍): ଅଙ୍ଗନବାଡି ଜରିଆରେ ଶିଶୁମାନଙ୍କ ପୁଷ୍ଟିହୀନତା ଦୂର ପାଇଁ ପୃଷ୍ଟିସାର ଖାଦ୍ୟ ଯୋଗାଇ ଦେଉଛନ୍ତି । ଏହି ପୁଷ୍ଟିସାର ଖାଦ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବା ବେଳେ ସେଥିରୁ ଦୁର୍ଗନ୍ଧ ବାହାରୁଥିବାରୁ ଶିଶୁମାନଙ୍କ ଖାଇବା ଉପଯୋଗୀ ହେଉନାହିଁ ବୋଲି କଂଗ୍ରେସ ତରଫରୁ ଅଭିଯୋଗ କରାଯାଇ ଏ ସମ୍ପର୍କରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ସିଡିପିଓଙ୍କ ନିକଟରେ ଦାବି କରାଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ରାଉରକେଲା ବିଧାନସଭା କ୍ଷେତ୍ରରେ ପୂର୍ବତନ କଂଗ୍ରେସ ପ୍ରାର୍ଥୀ ବିରେନ ସେନାପତି ଶିଳ୍ପାଞ୍ଚଳର ଶାନ୍ତିନଗରରେ ପରିକ୍ରମା କରୁଥିବା ବେଳେ କିଛି ସ୍ଥାନୀୟ ଲୋକ ଅଙ୍ଗନବାଡି ଜରିଆରେ ଶିଶୁମାନଙ୍କୁ ଯୋଗାଇ ଦିଆଯାଉଥିବା ଶୁଖିଲା ସୁଜି ହାଲୁଆ ତାଙ୍କୁ ଦେଖାଇଥିଲେ । ପ୍ୟାକେଟରେ ଥିବା ଏହି ସୁଜି ହାଲୁଆରୁ ପ୍ରବଳ ଦୁର୍ଗନ୍ଧ ବାହାରୁଥିଲା ଏବଂ ପ୍ୟାକେଟ୍ ଉପରେ ସୁଜି ହାଲୁଆ ପ୍ରସ୍ତୁତି ହେବାର ମାସକ ମଧ୍ୟରେ ବ୍ୟବହାର କରିବା ପାଇଁ ଉଲ୍ଲେଖ କରାଯାଇଥିବା ବେଳେ ପ୍ୟାକେଟ୍ ଉପରେ କି଼ଁ ପ୍ରସ୍ତୁତିର ତାରିଖ ଉଲ୍ଲେଖ ନଥିଲା । ଏ ସମ୍ପର୍କରେ ଶ୍ରୀ ସେନାପତି ଅଙ୍ଗନବାଡିର କର୍ମୀଙ୍କୁ ଡାକି ପଚାରିବାରୁ ଏହି ସୁଜି ହାଲୁଆ ଖାଦ୍ୟ ଯୋଗାଉଥିବା ଏସ୍‌ଏଚ୍‌ଜି ଅଙ୍ଗନବାଡି କର୍ମୀଙ୍କ ଅନୁପସ୍ଥିତିରେ ଏହି ଖାଦ୍ୟ ପ୍ୟାକେଟ୍ ଆଣି ଦେଇ ଚାଲିଯାଉଛ଼ର୍ନ୍ତି ବୋଲି କହିଥିଲେ । ତେବେ ଏହି ଘଟଣାକୁ ନେଇ ଆଜି ଶ୍ରୀ ସେନାପତି, ଜିଲ୍ଲା କଂଗ୍ରେସର ଅ'ରୀଣ ସଭାପତି ଦେବବ୍ରତ ବିହାରୀ ଏବଂ ଉକ୍ତ ଅଞ୍ଚଳର କିଛି ବାସିନ୍ଦା ତଥା କଂଗ୍ରେସ କର୍ମୀ ସିଭିଲ୍ ଟାଉନସିପ୍ ସ୍ଥିତ ସିଡିପିଓଙ୍କ ନିକଟରେ ପହଞ୍ଚି ଏହି ଘଟଣାର ପ୍ରତିବାଦ କରିଥିଲେ । ଏହି ସୁଜି ହାଲୁଆ ପ୍ୟାକେଟ୍ ଉପରେ କାହିଁକି ପ୍ରସ୍ତୁତି ତାରିଖ ଉଲ୍ଲେଖ ନାହିଁ ଏବଂ ଏ ପ୍ରକାର ଦୁର୍ଗନ୍ଧଯୁକ୍ତ ଅସ୍ୱାସ୍ଥ୍ୟକର ସୁଜି ହାଲୁଆ କାହିଁକି ଛୋଟ ଛୋଟ ଶିଶୁମାନଙ୍କୁ ଖାଇବାକୁ ଦିଆଯାଉଛି ଏବଂ ଏଥିପାଇଁ କିଏ ଅନୁମତି ଦେଇଛି ତାହା ଜାଣିବାକୁ ଚାହିଁଥିଲେ । ସିଡିପିଓ କମଳା ପାତ୍ର ସୁଜି ହାଲୁଆ ପ୍ୟାକେଟ୍‌କୁ ନିରୀକ୍ଷଣ କରିବା ସହିତ ପ୍ୟାକେଟ୍‌ରେ ଥିବା ସୁଜି ହାଲୁଆର ଦୁର୍ଗନ୍ଧ ସମ୍ପର୍କରେ ଅବଗତ ହୋଇ ଏ ବାବଦରେ ଆବଶ୍ୟକୀୟ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଅଙ୍ଗନବାଡି ଜରିଆରେ ଶିଶୁମାନଙ୍କୁ ସୁଜି ହାଲୁଆ ଓ ଛତୁଆ ଇତ୍ୟାଦି ଯୋଗାଣର ଦାୟିତ୍ୱ ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସରକାର ଦେଇଥିବା ବେଳେ ସମ୍ପୃକ୍ତ ଗୋଷ୍ଠୀମାନଙ୍କୁ ସେ ବାବଦରେ ଆବଶ୍ୟକୀୟ ଅର୍ଥ ମଧ୍ୟ ପୈଠ କରୁଛନ୍ତି । ତେବେ ଏହି ଖାଦ୍ୟ ଯୋଗାଣର ଆବଶ୍ୟକୀୟ ତଦାରଖ ହେଉନଥିବାରୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମନଇଚ୍ଛା ନିମ୍ନମାନର ଖାଇବା ପାଇଁ ଅନୁପଯୁକ୍ତ ଖାଦ୍ୟ ସାମଗ୍ରୀ ଯୋଗାଣ କରି ବିପୁଳ ଅର୍ଥ ରାଶି ସରକାରଙ୍କଠାରୁ ଠକି ନେଉଥିବା କଂଗ୍ରେସ ତରଫରୁ କୁହାଯାଇଛି । ଯଦି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଏ ସମ୍ପର୍କରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କର଼ର୍ନ୍ତି ତେବେ କଂଗ୍ରେସ ତରଫରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି କୁହାଯାଇଛି । ଏହି ଅବସରରେ ଶ୍ରୀ ସେନାପତି ଓ ଶ୍ରୀ ବିହାରୀଙ୍କ ସମେତ ଜିତେନ୍ଦ୍ର ଦାସ, ସିଦ୍ଧେଶ୍ୱର ମଲ୍ଲିକ, ବୁଲୁ ଦାସ, ବିଜୟ ସାହୁ, କଳିଙ୍ଗ ସାହୁ ପ୍ରମୁଖଙ୍କ ସହ ବସ୍ତିର କେତେକ ବାସିନ୍ଦା ଉପସ୍ଥିତ ଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

## ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡ୍ ସଂସ୍ଥା ଦ୍ୱାରା ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ



ଭୁବନେଶ୍ୱର (ପିଏନ୍): ପ୍ରତିବର୍ଷ ଭଳି ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡ୍‌ସ୍ ସଂସ୍ଥା ଦ୍ୱାରା ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ତା୦୨.୧୦.୨୦୨୨ରିଖ ଦିନ ରାଜ୍ୟ ଶାଖା ପରିସରରେ ରାଜ୍ୟ ମୁଖ୍ୟ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ପାଳିତ ହୋଇଅଛି । ଭୁବନେଶ୍ୱରର ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ୨୨୦ ଜଣ ସ୍କାଉଟ୍ ଓ ଗାଇଡ୍ ସମେତ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତାମାନେ ଯୋଗଦାନ କରିଥିଲେ । ସ୍କାଉଟ୍ ଗାଇଡ୍ ମାନେ ଗାନ୍ଧୀଜୀଙ୍କର ସ୍ମୃତି ଉଦ୍ଦେଶ୍ୟରେ ସହର ପରିକ୍ରମା କରିଥିଲେ । ସ୍ୱାଧୀନତା ସଂଗ୍ରାମୀ ଉତ୍ତରାଧିକାରୀ ଅନୁଷ୍ଠାନର ଶ୍ରୀ ଶିବନାରାୟଣ ମିଶ୍ର, ଶ୍ରୀ ମନୋଜ ଜେନା (ଗାନ୍ଧୀ ଗ୍ଲୋବାଲ ଫାଉଣ୍ଡେସନ୍, ନିଉ ଦିଲ୍ଲୀ), ଡଃ. ଭଗବାନ ପ୍ରକାଶ, ଶ୍ରୀ ପ୍ରମେଶ କୁମାର ମହାନ୍ତି, ଶ୍ରୀ ଭବାନନ୍ଦ ଦାସ, ଶ୍ରୀ ପ୍ରସନ୍ନ ବିଶୋଇ ଇତ୍ୟାଦି ଅତିଥିମାନେ ଯୋଗଦାନ କରି ଗାନ୍ଧୀଙ୍କ ବିଷୟରେ ବିଭିନ୍ନ ମତ ରଖି ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ପ୍ରେରଣା ସୃଷ୍ଟି କରିଥିଲେ । ଗାନ୍ଧୀ ଓ ଶାସ୍ତ୍ରୀଙ୍କର ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରି ସବେତ ଭାବରେ ଗାନ୍ଧିଜୀଙ୍କର ପ୍ରିୟ ଭଜନ "ରାମଧୂନ୍" ଗାନ କରିଥିଲେ । ଗାନ୍ଧିଜୀ ଏବଂ ଶାସ୍ତ୍ରୀଜୀଙ୍କର ସ୍ମୃତିଚାରଣ ପରେ କିଛି ସମୟ ପାଇଁ ମୌନବ୍ରତ ପାଳନ କରିଥିଲେ । ସ୍ୱାଧୀନତା ପ୍ରାପ୍ତି ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ଶହୀଦ ସ୍ତମ୍ଭ ଠାରେ ସ୍କାଉଟ୍ ଗାଇଡ୍ ମାନେ ସମ୍ମାନ ରୂପକ ସାଲ୍ୟୁଟ୍ ପ୍ରଦାନ କରିଥିଲେ । ଗାନ୍ଧୀଜୀଙ୍କ ସ୍ମୃତି ଉପରେ ଏକ ବକ୍ତୃତା ପ୍ରତିଯୋଗିତା କରାଯାଇ ବିଜେତାମାନଙ୍କୁ ପ୍ରମାଣପତ୍ର ଏବଂ ସ୍ମୃତି ଫଳକ ପ୍ରଦାନ କରାଯାଇଥିଲା । ରାଜ୍ୟ ଯୁଗ୍ମ ସଂପାଦକ ଶ୍ରୀ ମିହିର ରଂଜନ ପଟ୍ଟନାୟକଙ୍କ ନେତୃତ୍ୱ ଏବଂ ସ୍କାଉଟ୍ ଗାଇଡ୍‌ର ସମସ୍ତ କର୍ମକର୍ତ୍ତାଙ୍କ ଦ୍ୱାରା ଉକ୍ତ କାର୍ଯ୍ୟକ୍ରମଟି ସଫଳତା ହୋଇପାରିଥିଲା । ପରିଶେଷରେ ଶ୍ରୀ ଚନ୍ଦନ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## କ୍ଷୀରଚୋରା ମନ୍ଦିରରେ ପାଳିତ ହେଲା ନବମାତୃକା ପୂଜା



ବାଲେଶ୍ୱର (ପିଏନ୍)-ପବିତ୍ର ଶାରଦୀୟ ପାର୍ବଣ ଉତ୍ସବରେ ସାରା ଭାରତରେ ଦୁର୍ଗତୀନାଶିନୀ ମା ଦୁର୍ଗାଙ୍କ ପୂଜାର୍ଚ୍ଚନା ଓ ଆରାଧନା ବହୁ ଧୁମଧାମରେ ପାଳିତ ହୋଇଥିବା ବେଳେ ରେମୁଣା ନବମାତୃକା ପୂଜା କମିଟି ଏକ ଅଭିନବ ଶୈଳୀରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ରେମୁଣା ବିଜ୍ଞାପିତ ଅଚଂଳର ଗରିୟସୀ, ମହିୟସୀ ନଅଜଣ ମାଆଙ୍କୁ ଶାରଦୀୟ ମହାନବମୀ ତିଥିରେ ଗୁପ୍ତ ବୃନ୍ଦାବନ କ୍ଷୀରଚୋରା ଗୋପୀନାଥ ମନ୍ଦିର ପ୍ରାଙ୍ଗଣରେ ଭାବ, ଭକ୍ତି ଓ ଆବେଗମୟ ପରିବେଶରେ ପୂଜାର୍ଚ୍ଚନା କରାଯାଇଛି । ପ୍ରତିକୂଳ ପରିବେଶ ସତ୍ୱେ ମାଆମାନଙ୍କୁ ପୂଜା କଲା ବେଳେ ପୂଜିତ ମାଆ, ବରେଣ୍ୟ ଅତିଥି, ପୂଜକ ତଥା ଉପସ୍ଥିତ ସମସ୍ତେ ଭାବମୟ ହୋଇ ଆଖି ଛଳଛଳ ହୋଇ ଯାଇଥିଲା । କେତେଜଣ ଅତିଥିଙ୍କ ବକ୍ତବ୍ୟ ପ୍ରଦାନ ବେଳେ ବାକ୍‌ରୁଦ୍ଧ ହୋଇଯାଇଥିବାବେଳେ ଅନେକଙ୍କ ଆଖିରୁ ଲୁହ ଝରି ପଡିଥିଲା । ପରିବେଶଟି ମାଆମୟ ହୋଇ ଯାଇଥିଲା । ମାଆ ଓ ଅତିଥିମାନଙ୍କୁ ଶଂଖ, ହୁଳହୁଳି ଓ ଖୋଳ କରତାଳି ବଜାଇ ସଂକୀର୍ତନ କରି ପୂଜାବେଦୀକୁ ପାଛୋଟି ନିଆଯାଇଥିଲା । ବିକର୍ତନ ନାୟକ ଓ ସତ୍ୟଭାମା ମୁଦୁଲି ମାତୃବନ୍ଦନା ଗାଇ ସମସ୍ତଙ୍କ ମନମୁଗ୍ଧ କରିଥିଲେ । ଲକ୍ଷ୍ମୀ ବେହେରାଙ୍କୁ ସେବାମୟୀ ମାଆ, ରତ୍ନମଣି ରଣାଙ୍କୁ କାରିଗରୀ ମାଆ, ବାୟାଣୀ ଦାସଙ୍କୁ ଚାଷୀ ମାଆ, ଲକ୍ଷ୍ମୀ ଦଳେଇଙ୍କୁ ଧାଇ ମାଆ, ସରୋଜିନୀ ମହାରଣାଙ୍କୁ ଶିକ୍ଷାଦାୟିନୀ ମାଆ, ରଙ୍ଗଲତା ବେହେରାଙ୍କୁ ପ୍ରେରଣାମୟୀ ମାଆ, ଶାନ୍ତିଲତା ସାମନ୍ତରାୟଙ୍କୁ ସ୍ନେହମୟୀ ମାଆ, ରମଣୀ ମହାପାତ୍ରଙ୍କୁ କବୟତ୍ରୀ ମାଆ ଭାବରେ ପୂଜା କରା ଯାଇଥିବା ବେଳେ ବରେଣ୍ୟ ଅତିଥି ସରୋଜ କୁମାର ବେହେରା, ମମତା ମହାପାତ. ମନୋଜ କୁମାର ପାଢ଼ୀ, ମନୋଜା ମଞ୍ଜରୀ ଦେବୀ, ତନୁଜା ଗିରି, ରାଜେନ୍ଦ୍ର କୁମାର ରାଉତ, ନୀଲୁ ମହାପାତ୍ର ଓ ସୁଧାଂଶୁଶେଖର ପରିଡ଼ାଙ୍କୁ ମାଆମାନେ ଫୁଲ ଗଛ ଓ ଉପଢୌକନ ପ୍ରଦାନ କରି କରିଥିବା ବେଳେ କମିଟିର ସକ୍ରିୟ ସଦସ୍ୟ ସଦସ୍ୟା ସୁନାମଣୀ ଜେନା, ଇସ୍ପିତା ସ୍ୱାଇଁ, ପଦ୍ମଲୋଚନ ପ୍ରଧାନ, ପ୍ରଭାକର ସାହୁ, ସତ୍ୟଭାମା ମୁଦୁଲି, ଗୋପବନ୍ଧୁ ଗିରି, ବିଜୟ ସେଠୀ, ଦୁଷ୍ମନ୍ତ କୁମାର ଦାସ ପ୍ରମୁଖ ଅତିଥି ଗଣଙ୍କୁ ପରିଚୟ ପ୍ରଦାନ କରିଥିଲେ । ଏହି ଅଭିନବ ସଂସ୍କାରଧର୍ମୀ ନବମାତୃକା ପୂଜାରେ କମିଟିର ସଭାପତି ଡ. ଭାଗବତ ପ୍ରସାଦ ଦାସ ସଭାପତିତ୍ୱ କରିଥିବା ବେଳେ ଆବାହକ ଶିଳ୍ପୀ କେଶୁ ଦାସ ପ୍ରାକ୍ ସୂଚନା ଓ ଅଭିମୁଖ୍ୟ ରଖିଥିଲେ । ସଂପାଦକ ଇଂ ବିଜୟ କୁମାର ସେଠୀ ଚଳିତ ବର୍ଷ କାର୍ଯ୍ୟକ୍ରମର ରୂପରେଖ ପ୍ରଦାନ କରିଥବା ବେଳେ ଗିରୀଶ ଚନ୍ଦ୍ର ଷଡ଼ଙ୍ଗୀ ଧନ୍ୟବାଦ ପ୍ରଦାନ କରିଥିଲେ ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication




# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି । ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ ।୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ୍ୟ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠି ରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରର କୌଣସି ନେତା ମଧ୍ୟ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ , ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି , କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ।

ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।

# ଡଃ.ଶ୍ରୀଧର ସାମଲଙ୍କ କବିତା ସଙ୍କଳନ ପୁସ୍ତକ ନିଃଶବ୍ଦ ଆଳାପ ଲୋକାର୍ପିତ

କେନ୍ଦ୍ରାପଡା,(ପିଏନ)- କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡଃ.ଶ୍ରୀଧର ସାମଲଙ୍କ ଦ୍ୱାରା ରଚିତ ପୁସ୍ତକ "ନିଃଶବ୍ଦ ଆଳାପ"କୁ ଶୁକ୍ରବାର ସ୍ଥାନୀୟ ଭାରତୀ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ଉତ୍ସବରେ ଲୋକାର୍ପଣ କରାଯାଇଛି । ଏହି ଉପଲକ୍ଷେ ଅବସରପ୍ରାପ୍ତ ପ୍ରାଧ୍ୟାପକ ମୋହନ ଚରଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭୂବନେଶ୍ୱରର ବନଫୁଲ ପ୍ରକାଶନୀ ଦ୍ୱାରା ପ୍ରକାଶିତ ପୁସ୍ତକ ଲୋକାର୍ପଣ ଉତ୍ସବରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଡଃ.ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ପ୍ରାଧ୍ୟାପକ ନନ୍ଦ କିଶୋର ପରିଡା, ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ସରୋଜ କୁମାର ମହାନ୍ତି, ସାହିତ୍ୟିକ ଡଃ.ବାସୁଦେବ ଦାସ, ପ୍ରାଧ୍ୟାପକ ତପନ କୁମାର ପତି ପ୍ରମୁଖ ଯୋଗଦେଇ କବି ଡଃ.ସାମଲଙ୍କ ରଚିତ କବିତା ସଙ୍କଳନ ପୁସ୍ତକ "ନିଃଶବ୍ଦ ଆଳାପ"କୁ ଲୋକାର୍ପିତ କରିଥିଲେ । ପୁସ୍ତକ ରଚୟିତା ଡଃ.ସାମଲ ଏକାଧାରରେ ଜଣେ କବି, ପ୍ରାବନ୍ଧିକ,ସୁବକ୍ତା ଓ ପ୍ରକୃତିପ୍ରିୟ ମଣିଷ । ବିଶ୍ୱ ବିଖ୍ୟାତ ପର୍ଯ୍ୟଟନକ୍ଷେତ୍ର ଭିତରକନିକା ଉପରେ ନିବନ୍ଧ ରଚନା କରିବା ସହ ଆକାଶବାଣୀ,କଟକ କେନ୍ଦ୍ରରେ ସୁବକ୍ତା ଭାବରେ ତାଙ୍କର ଉପଲବ୍ଧି ସବୁଠି ରହିଛି । ତାଙ୍କର ଅନେକ ନିବନ୍ଧ ଜାତୀୟ ଓ ଅନ୍ତର୍ଯ୍ୟାତୀୟ ପତ୍ରପତ୍ରିକାରେ ପ୍ରକାଶ ପାଇ ବିପୁଳ ପାଉଠକୀୟତା ଅର୍ଜନ କରିଛି । ଡଃ.ସାମଲ ଅଧୁନା କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଭୁଗୋଳ ବିଭାଗର ପ୍ରାଧ୍ୟାପକ ତଥା ବିଭାଗୀୟ ମୁଖ୍ୟ ଭାବେ କାର୍ଯ୍ୟରତ ଓ ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱ ବିଦ୍ୟାଳୟ(ଇଗ୍ନୋ), ନୂଆଦିଲ୍ଲୀର ସଂଯୋଜକ ଏବଂ ଓଡିଶା ସରକାରଙ୍କ ବାଳିକା ଆତ୍ମ ସୁରକ୍ଷା କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ଅଛନ୍ତି । ତାଙ୍କର ଏହି ଭିନ୍ନ ସ୍ୱାଦର କବିତା ସଙ୍କଳନଟି ପାଠକ ମହଲରେ ବିଶେଷ ଆଦୃତ ହେବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି ଉତ୍ସବରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା, ମାର୍ଶାଘାଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ଅମୀୟ ଜେନା, ପ୍ରାଧାପକ ଜତୀନ୍ଦ୍ର କୁମାର ରାଉତ, ତ୍ରିଲୋଚନ ପ୍ରଧାନ, କବି ପ୍ରେମାନନ୍ଦ ଖଣ୍ଡୁଆଳ, ବୃନ୍ଦାବନ ଦାସ, ନଳିନୀ ବେହେରା, କ୍ରୀଡା ଶିକ୍ଷକ ଜ୍ୟୋତିର୍ମୟ ଦାସ ପ୍ରମୁଖ ବହୁ ସାହିତ୍ୟପ୍ରେମୀ ଓ ବିଶିଷ୍ଟବ୍ୟକ୍ତିମାନେ ଉପସ୍ଥିତ ଥିଲେ।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା। ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ। ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ। ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଳା ବ୍ଲକ ଦୁର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି। ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି। ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ ତାହା ଏବେ ଅକାମୀ ହୋଇପଡ଼ି ରହିଛି। ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି। ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି। ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା। ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

# ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲେ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳର ଅଧାପକ ଓ ଅଧାପିକା

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲା ଉଦଲା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଆଦିକନ୍ଦ ଦେଙ୍କ ବିରୋଧରେ ମହାଦୁର୍ନୀତିର ଅଭିଯୋଗ ଆଣି ଘଟଣା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବା ଦାବିରେ ଆଜି ମହାବିଦ୍ୟାଳୟର ଅରବିନ୍ଦ ସେଠୀ, ସମୀର କୁମାର ନାୟକ, ହରପ୍ରିୟା ବେହେରା, ଗୀତିକା ଜେନା, ଜ୍ୟୋତିଶା ମାଝି, ମଧୁସ୍ମିତା ପାତ୍ର, ମନୋଜ ଦଳେଇ, ଗୌରାଙ୍ଗଚନ୍ଦ୍ର ମହାପାତ୍ର, ରାଜୀବ କୁମାର ଗିରି, ତପନ କୁମାର ସାହୁ, ଶୁଭଶ୍ରୀ ନନ୍ଦ, ବିପୀନ ବିହାରୀ ସିଂ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଅଧାପକ, ଅଧାପିକା ପ୍ରମୁଖ ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧାପକ ଓ ଅଧାପିକାମାନଙ୍କ ଅଭିଯୋଗ ଆଧାରରେ ଅଧକ୍ଷ ଶ୍ରୀଦେ ଶହେ କିମ୍ବା ହଜାରେ ନୁହେଁ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଛନ୍ତି । ସମସ୍ତଙ୍କୁ ଚୁନ ଲଗାଇ ଏହି ସମସ୍ତ ଟଙ୍କାକୁ ଚଳୁ କରିଛନ୍ତି ମହାବିଦ୍ୟାଳୟର ଅଧକ୍ଷ । ତାହା ପୁଣି ୟୁଜିସି ପକ୍ଷରୁ ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ସହ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧାପକ, ଅଧାପିକ ଓ କର୍ମଚାରୀମାନଙ୍କ ଏରିଆର ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ଟଙ୍କା ସହ ମହାବିଦ୍ୟାଳୟର ପାଣ୍ଠି ଆଦି । ଏହାକୁ ନେଇ ବିବାଦ ଘେରରେ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଦେ । ଏହି ସମସ୍ତ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ଅଧାପକ ସମୀର ରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଗତ କାଲି ଉଦଲା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟରେ ପହଁଞ୍ଚିଥିଲେ । ଉପଜିଲ୍ଲାପାଳ ତଦନ୍ତ ଶେଷ କରି ଫେରିବା ସମୟରେ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଦାବିରେ ମହାବିଦ୍ୟାଳୟର ଛାତ୍ର ଓ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଜାତୀୟ ପତକା ଧରି ରାସ୍ତା ଅବରୋଧ କରିବା ସହ ଗାଡ଼ି ସମ୍ମୁଖରେ ଶୋଇ ଧାରଣାରେ ବସିଥିଲେ । ଉକ୍ତ ଘଟଣାରେ ଆଜି ଉଦଲା ଥାନା ଦାୟିତ୍ୱରେ ଥିବା ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଅଧାପକ ମନ୍ମଥ କୁମାର ପଣ୍ଡା(୪୮), ସୁଶାନ୍ତ କୁମାର ମଲ୍ଲିକ(୨୦) ଓ ରଞ୍ଜିତ୍ କୁମାର ବିଶ୍ୱାଳ(୨୪)ଙ୍କୁ ଆଇପିସି ଧାରା ୩୪୧, ୩୪୨, ୩୫୩, ୨୬୮, ୨୬୯, ୨୭୦, ୧୮୬, ୧୮୮ ଓ ୩୪ ସହ ୧୯୮୭ ମହାମାରୀ ଆକ୍ଟ-୩ ଓ ବିପର୍ଯ୍ୟୟ ପରିଚାଳନା ଆକ୍ଟ-୨୦୦୫ ଧାରା ୫୬ରେ (କେଶ ନମ୍ବର ୨୩୯/୨୦୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ସମୟରେ ମହାବିଦ୍ୟାଳୟର ଅଧାପକ, ଅଧାପିକାମାନେ ଥାନାରେ ଦେଇଥିବା ଅଭିଯୋଗ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ । ଅଧିକନ୍ତୁ, ବିଭିନ୍ନ ସମୟରେ ବାହାରର ବ୍ୟକ୍ତି ଓ ମହିଳାମାନଙ୍କୁ ଲଗାଇ ଅଧକ୍ଷ ଶ୍ରୀଦେ ମହାବିଦ୍ୟାଳୟ ପରିସରରେ ଅଧାପକ, ଅଧାପିକାମାନଙ୍କୁ ଧମକଚମକ ଦେବା ସହ ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧାପିକା ମହାବିଦ୍ୟାଳୟକୁ ଆସୁଥିବା ସମୟରେ ରାସ୍ତାରେ ଲୋକ ଲଗାଇ ଜାତିଆଣା ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେଇଥିଲେ । କେବଳ ଏତିକି ନୁହେଁ ଅଧକ୍ଷ ଶ୍ରୀଦେ ତାଙ୍କ ଭାଇ ଓ ପୁଅଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନେ ମହାବିଦ୍ୟାଳୟକୁ ଆସୁନଥିବା ବେଳେ ପ୍ରତ୍ୟେକ ମାସ ଦରମା ଉଠାଯାଉଛି । ପୁଣି କେତେକ ଅଧାପକଙ୍କ ଅଗୋଚରରେ ସ୍ୱାକ୍ଷରକୁ ନକଲ କରି କରାଯାଇ ଟଙ୍କା ଉଠାଯାଇଛି । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଦେଙ୍କ ନାମରେ ଏହିପରି ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ମହାବିଦ୍ୟାଳୟର ଅଧାପକ, ଅଧାପିକାମାନେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ସମୟରେ ଆଜି ଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି । ତେବେ ଏହାର ଶେଷ କେଉଁଠି ତାହାକୁ ନେଇ ଉଠିଛି ପ୍ରଶ୍ନ । ଅଧକ୍ଷ ଓ ଅଧାପକମାନଙ୍କ ମଧରୁ ବଳି ପଡ଼ିବ କିଏ । ଏହି ବିବାଦ ମଧରେ ସତ୍ୟର ଜୟ ହେଉଛି ନା ଅସତ୍ୟର ଜୟ ହେଉଛି , ତାହା କେବଳ ପରବର୍ତି ସମୟ ହିଁ କହିବ ।


2024-2025



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2024

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Thursday August 08 2024 | ଭୁବନେଶ୍ୱର ଗୁରୁବାର, ଅଗଷ୍ଟ ୦୮,୨୦୨୪ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com 

## ବାରିପଦା ଠାରେ ଜିଲ୍ଲା ସ୍ତରୀୟ ହାକାଥନ -୨୦୨୪ ଆୟୋଜିତ



ବାରିପଦା,(ପି.ଏନ): ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ବୁଧବାର ଦିନ ବାରିପଦାର କାଠପାଳ ସ୍ଥିତ ସାଇ ବିଦ୍ୟା ମନ୍ଦିର ଠାରେ ଜିଲ୍ଲା ସ୍ତରୀୟ ହାକାଥନ -୨୦୨୪ର ଉଦ୍ଘାଟନ ହୋଇଯାଇଛି। ଏହି ହାକାଥନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଲା ଶୀଘ୍ର ଏବଂ ବୁଦ୍ଧିମତାର ସହିତ ଛାତ୍ର, ଛାତ୍ରୀ ମାନେ କିଭଳି ଏକ ବୈଜ୍ଞାନିକ ପ୍ରକଳ୍ପକୁ ଉପସ୍ଥାପନ କରିପାରିବେ। ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଯୋଗ ଦେଇଥିବା ବେଳେ ଚାନ୍ଦିପୁର ସ୍ଥିତ ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନର ନିର୍ଦ୍ଦେଶକ ଶ୍ରୀ ସୁବୋଧ କୁମାର ନାୟକ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ସମସ୍ତ ଛାତ୍ର ଛାତ୍ରୀଙ୍କୁ ଏହି ହାକାଥନ -୨୦୨୪ରେ ଅଂଶ ଗ୍ରହଣ କରିଥିବାରୁ ଶୁଭେଚ୍ଛା ଜ୍ଞାପନ କରିଥିବା ବେଳେ ସମସ୍ତ ବୈଜ୍ଞାନିକ ପ୍ରକଳ୍ପ ଗୁଡିକ ବୁଲିଦେଖିବା ସହିତ ସେମାନଙ୍କ ସହିତ ଆଲୋଚନା ମଧ କରିଥିଲେ। ମୁଖ୍ୟ ବକ୍ତା ଶ୍ରୀ ନାୟକ ଏହି ହାକାଥନର ଉଦ୍ଦେଶ୍ୟ, ବର୍ତ୍ତମାନ ଯୁଗ ଉପଯୋଗୀତା ଏବଂ କାର୍ଯ୍ୟକାରିତା ବିଷୟରେ ଆଲୋକପାତ କରିଥିଲେ। ଏହି ଅଧିବେଶନରେ ସମ୍ମାନନୀୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ଶ୍ରୀ ଶଶୀଧର ସିଂ ଯୋଗ ଦେଇଥିବା ବେଳେ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ପବିତ୍ର ମୋହନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଦିବସର ଶେଷ ତଥା ସ୍ୱସ୍ତିବାଚନିକ ଅଧିବେଶନରେ ମୁଖ୍ୟ ଅତିଥି ଭାବେ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ବିଭୁତି ଭୂଷଣ ନାୟକ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଡଃ ଏମ. ହିମବିନ୍ଦୁ, ପ୍ରଫେସର, ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱ ବିଦ୍ୟାଳୟ ଯୋଗ ଦେଇଥିଲେ। ଏହି ଅଧିବେଶନରେ ଛାତ୍ର ଛାତ୍ରୀ ମାନଙ୍କ ପ୍ରକଳ୍ପ ଦକ୍ଷତା ତଥା ଏହି ହାକାଥନ ଆୟୋଜନର ଭବିଷ୍ୟତ ଲକ୍ଷ ବିଷୟରେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଆଲୋଚନା କରିଥିଲେ। ଏହି ଅଧିବେଶନରେ ସମ୍ମାନିତ ଅତିଥି ଭାବେ ଡଃ ଗାର୍ଗୀ ମହାନ୍ତି, ସହକାରୀ ପ୍ରଫେସର, ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱ ବିଦ୍ୟାଳୟ ଯୋଗ ଦେଇଥିବା ବେଳେ ଏସ୍.ଭି.ଏମ୍ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସର ନିର୍ଦ୍ଦେଶକ ଡଃ ପ୍ରଭଞ୍ଜନ ରାଉତ ଏହି ସଭାରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଦିବସ ବ୍ୟାପି କାର୍ଯ୍ୟକ୍ରମ, ସମ୍ପୂର୍ଣ୍ଣ ରୂପରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠିଙ୍କ ଦ୍ୱାରା ସଞ୍ଚାଳିତ ହୋଇଥିଲା ଏବଂ ବିଭିନ୍ନ ବର୍ଗର ଛାତ୍ର ଛାତ୍ରୀ ଏହି ହାକାଥନ କାର୍ଯ୍ୟକ୍ରମରେ ଯୋଗ ଦାନ କରି ନିଜର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ।

## ଡ.ମୋହନ ଭାଗବତଙ୍କ ଓଡିଶା ଗସ୍ତ

ଭୁବନେଶ୍ୱର, (ପି.ଏନ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚାଳକ ଡ.ମୋହନ ଭାଗବତ ୫ ଦିନିଆ ଓଡିଶା ଗସ୍ତରେ ଆସି ଅଗଷ୍ଟ ୮ ତାରିଖ ଦିନ ମଧ୍ୟାହ୍ନ ଘ୧. ୨୦ମିନିଟ ସମୟରେ ଭୁବନେଶ୍ୱରରେ ପହଁଚିବେ। ସେ ଓଡିଶା ପ୍ରବାସ ସାରି ଅଗଷ୍ଟ ୧୨ ତାରିଖ ମଧ୍ୟାହ୍ନ ସମୟରେ ଓଡିଶାରୁ ପ୍ରତ୍ୟାବର୍ତନ କରିବେ ବୋଲି ସଂଘର ଓଡିଶା ପୂର୍ବ ପ୍ରା'ର ପ୍ରା' ପ୍ରଚାର ପ୍ରମୁଖ ଶ୍ରୀ ସୁମ' କୁମାର ପଣ୍ଡା ପ୍ରକାଶ କରିଛନ୍ତି। _1 ପଣ୍ଡା କହିଛନ୍ତି ଯେ, ଡ. ଭାଗବତ ତାଙ୍କ ପ୍ରବାସ ସମୟରେ ଅଗଷ୍ଟ ୮ ତାରିଖ ଦିନ ଭୁବନେଶ୍ୱରରେ ଅବସ୍ଥାନ କରିବେ, ୯ ତାରିଖ ଦିନ ପୁରୀ ଯାଇ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିବା ସହିତ ଗୋବର୍ଦ୍ଧନ ପୀଠର ପୂଜ୍ୟ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ସାକ୍ଷାତ କରିବେ। ଅଗଷ୍ଟ ୧୦ ଓ ୧୧ ତାରିଖ ଦୁଇ ଦିନ ଧରି ଅଖିଳ ଭାରତୀୟ ପ୍ରା' ସେବାପ୍ରମୁଖ ମାନଙ୍କର ବୈଠକ ପୁରୀ ଠାରେ ଅନୁଷ୍ଠିତ ହେବ।

## ଜେଏସଡବ୍ଲ୍ୟୁ ପ୍ରତିଷ୍ଠାତା ଓ.ପି.ଜିନ୍ଦଲଙ୍କ ୭୪ ତମ ଜୟନ୍ତୀ ପାଳିତ



ପାରାଦୀପ,(ପି.ଏନ): ଜେଏସଡବ୍ଲ୍ୟୁ ଗ୍ରୁପ୍‌ର ପ୍ରତିଷ୍ଠାତା ଓ ପି ଜିନ୍ଦଲଙ୍କ ୭୪ତମ ଜନ୍ମତିଥି ପାରାଦୀପ ମଧୁବନସ୍ଥିତ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଏହି ଅବସରରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ସ୍ଥାନୀୟ କାର୍ଯ୍ୟାଳୟ ଜଟାଧାର ଭବନ ପରିସରରେ ବୃକ୍ଷରୋପଣ କରାଯାଇଥିଲା । ଜେଏସଡବ୍ଲ୍ୟୁ ଫାଉଣ୍ଡେସନ ପକ୍ଷରୁ ପାରାଦୀପ ପ୍ରାଇଭେଟ୍ ଲିମିଟେଡ୍ ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୧୦୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ପ୍ରକାଶଥାଉକି, ୧୯୩୦ ମସିହାରେ ଜନ୍ମ ଗ୍ରହଣ କରିଥିବା ଓ ପି ଜିନ୍ଦଲସାରା ଭାରତବର୍ଷରେ ଇସ୍ପାତ ଜଗତର ଜଣେ ଜଣାଶୁଣା ବ୍ୟକ୍ତିତ୍ୱ । ତାଙ୍କର ଯୁଗାନ୍ତକାରୀ ପଦକ୍ଷେପ ପାଇଁ ଜିନ୍ଦଲ ଗ୍ରୁପ୍ କେବଳ ଭାରତ ନୁହେଁ ବିଶ୍ୱସ୍ତରରେ ବିଭିନ୍ନ କ୍ଷେତ୍ରରେ ବହୁ ସଫଳତା ହାସଲ କରିଛି । ତାଙ୍କର ୭୪ତମ ଜନ୍ମତିଥିରେ ଆୟୋଜିତ କାର୍ଯ୍ୟକ୍ରମରେ କମ୍ପାନୀର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇ ସ୍ୱର୍ଗତ ଓ ପି ଜିନ୍ଦଲଙ୍କ ଫଟୋଚିତ୍ରରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ଚାଷଜମି ଜଳାର୍ଣ୍ଣବ, ବୁଲି ଦେଖିଲେ ଜିଲ୍ଲାପାଳ

କେନ୍ଦ୍ରାପଡ଼ା,(ପି.ଏନ): ୫୩ନମ୍ବର ଜାତୀୟ ରାଜପଥର ଚାରିଲେନ ବିଶିଷ୍ଟ ରାସ୍ତା ନିର୍ମାଣ ପରେ ଛଗରିଆ ନିକଟରେ ଚାଷଜମିରୁ ଉଦବୃ ଜଳ ନିଷ୍କାସନ ପାଇଁ ଥିବା ପଥକୁ ବନ୍ଦ କରି ଦିଆଯାଇଥିବାରୁ ବର୍ଷା ଦିନେ ପ୍ରାୟ ୨ଶହ ହେକ୍ଟର ଚାଷଜମି ପାଣିରେ ବୁଡି ରହୁଥିବାରୁ ସେହି ଜମିର ଫସଲ ନଷ୍ଟ ହୋଇଯାଉଛି। ଫଳରେ ସେହି ଅ ଳର ଚାଷୀମାନେ ବହୁ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଏସମ୍ପର୍କରେ ଅଭିଯୋଗ ପାଇବା ପରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଆଜି ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ସେଠାରେ ଉପସ୍ଥିତ କଳପଡା, ବଗଡା ପ୍ରଭୃତି ଅ ଳର ଚାଷୀମାନଙ୍କ ସହ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହିତ ଚାଷ ଜମି ସବୁ ପାଣିରେ ବୁଡି ରହିଥିବା ଦେଖିବାକୁ ପାଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ସେଠାରେ ଉପସ୍ଥିତ ଥିବା ଜାତୀୟ ରାଜପଥ ବିଭାଗର ଅଧିକାରୀ, ଡ୍ରେନେଜ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଇଂ ସିଦ୍ଧାର୍ଥଶେଖର, କେନ୍ଦ୍ରାପଡା ଜଳସେଚନ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଇଂ ଉମେଶ ଚନ୍ଦ୍ର ସେଠୀ ପ୍ରମୁଖଙ୍କ ସହ ସମସ୍ୟାର ସମାଧାନ ସମ୍ପର୍କରେ ଆଲୋଚନା କରିବା ପରେ ଚାଷ ଜମିରୁ ତୁରନ୍ତ ଜଳ ନିଷ୍କାସନ ପାଇଁ ସଂପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ସେଠାରୁ ଏସ୍କାଭେଟର ସାହାଯ୍ୟରେ ଜଳ ନିଷ୍କାସନ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ଜାତୀୟ ରାଜପଥର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ମେଟ୍ରୋନ୍‌ଙ୍କୁ ଚାକିରିରୁ ବହିଷ୍କାର କରି ପ୍ରଶାସନ ବାହାଦୁରୀ ନେଲେ : ମହାସଂଘ

ଭୁବନେଶ୍ୱର,(ପି.ଏନ) : ମାଲକାନାଗିରି ଜିଲ୍ଲା କାଲିମେଳା ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ମେଟ୍ରୋନ୍ ସୁନୀତା ମହାକୁଡଙ୍କୁ ଜିଲ୍ଲା ମଙ୍ଗଳ ଅଧିକାରୀ ବେଆଇନ୍ ଭାବେ ଚାକିରିରୁ ବହିଷ୍କାର କରିଛନ୍ତି । ତା'ର ପ୍ରତିବାଦରେ ମହାସଂଘର ରାଜ୍ୟ ଆବାହକ ଶ୍ରୀଯୁକ୍ତ ଦିଗମ୍ବର ଜେନା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି ଲେଖି ଜଣାଇଛନ୍ତି । ରାଜ୍ୟରେ ଅନୁସୂଚିତ ଜନଜାତି ଓ ଜାତି ବିଭାଗ ଦ୍ୱାରା ପରିଚାଳିତ ସେବାଶ୍ରମ ଗୁଡ଼ିକରେ ୩ ହଜାର ମେଟ୍ରୋନ୍ କାର୍ଯ୍ୟରତ ଅଛନ୍ତି । ବଡ଼ ଦୁଃଖର ବିଷୟ ୨୪ ଘ । କାର୍ଯ୍ୟରତ ଥାଇ କେତେକ ମୁଷ୍ଟିମେୟ ନଷ୍ଟ ଚରିତ୍ର ଅବିବେକୀ, ଭ୍ରଷ୍ଟାଚାରୀ ଶିକ୍ଷକ ଏବଂ ପ୍ରଧାନ ଶିକ୍ଷକ ଶିକ୍ଷାର ଅମର୍ଯ୍ୟାଦା ଘଟାଇ ଛାତ୍ରୀମାନଙ୍କୁ ଦୁଃବ୍ୟବହାର ଓ ଦୁଷ୍କର୍ମ କରିଚାଲିଛନ୍ତି । ଉକ୍ତ ଉଚ୍ଚ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୀପକ ନାୟକ ନିଶାଗ୍ରସ୍ତ ଅବସ୍ଥାରେ ଛାତ୍ରୀ ନିବାସର ତିନିଜଣ ଛାତ୍ରୀଙ୍କୁ ଡାକିନେଇ ହଷ୍ଟେଲ୍ ଭିତରେ କ୍ୱାର୍ଟର ନେଇଥିବା ପ୍ରଧାନ ଶିକ୍ଷକ ଛାତ୍ରୀ ଦୁଇଜଣଙ୍କୁ ଛାଡିଦେଇ ଜଣେ ଛାତ୍ରୀଙ୍କୁ ଦୁଷ୍କର୍ମ କରିଥିଲେ । ପୀଡିତାଙ୍କୁ ମେଟ୍ରୋନ୍ ତାଙ୍କ ପାଖରେ ରଖି ଛାତ୍ରୀଙ୍କ ଠାରୁ ବୟାନ ନେଉଥିବା ବେଳେ ପ୍ରଧାନଶିକ୍ଷକ ହଷ୍ଟେଲ୍ ଭିତରକୁ ଜୋର୍‌ଜବରଦସ୍ତ ପଶି ମେଟ୍ରୋନ୍‌ଙ୍କୁ ଧମକାଇ ଛାତ୍ରୀ କୁଆଡ଼େ ଗଲା ବୋଲି ପାଟି କଲେ । ମେଟ୍ରୋନ୍ ଭୟଭୀତ ଅବସ୍ଥାରେ ପୀଡିତାକୁ ଲୁଚାଇ ରଖି ସକାଳେ ତାଙ୍କ ଅଭିଭାବକଙ୍କୁ ଖବର ଦେଲେ । ଖବର ପାଇ ଜିଲ୍ଲା ମଙ୍ଗଳ ଅଧିକାରୀ ଏକ ତିନିଜଣିଆ ଟିମ୍‌କୁ ନେଇ ତଦନ୍ତ ଆରମ୍ଭ କଲେ । ଦୋଷୀ ସାବ୍ୟସ୍ତ ଭାବେ ପ୍ରଧାନଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିବା ବେଳେ ନିର୍ଦ୍ଦୋଷୀ ଭାବେ ମେଟ୍ରୋନ୍‌ଙ୍କୁ କାର୍ଯ୍ୟରୁ ବହିଷ୍କାର କରିବା କେତେଦୂର ଯଥାର୍ଥ ବୋଲି ମହାସଂଘ ପ୍ରଶ୍ନ କରିଛନ୍ତି ? ଶିକ୍ଷକମାନେ ଜୋର୍ ଜବରଦସ୍ତ ଭାବେ ମେଟ୍ରୋନ୍ ମାନଙ୍କ ଠାରୁ ମେସ୍ ମାନେଜ୍‌ମେ ଛଡ଼ାଇ ନେଇ ପିଲାମାନଙ୍କୁ ଅଖାଦ୍ୟ ଏବଂ ନିମ୍ନମାନର ଖାଦ୍ୟ ପରିବେଷଣ କରି ମେଟ୍ରୋନ୍ ଏବଂ ରୋଷେୟା ମାନଙ୍କୁ ବିଭିନ୍ନ ପ୍ରକାରର ନିର୍ଯ୍ୟାତନା, ଧମକ ଚମକ ଦେଇ ରଜା ମହାରଜା ଭଳି ରାଜ ରାଜୋଡା ଶାସନ ଚଳାଇଛନ୍ତି । ଗତ ପା ବର୍ଷ ଭିତରେ ଏଭଳି ଅନେକ କେସ୍ ଦେଖିବାକୁ ମିଳୁଛି । କନ୍ଧମାଳ ଜିଲ୍ଲା ପୋକନା ଗାଁ ସେବାଶ୍ରମରେ ଏଭଳି ଘଟଣା ଘଟିଥିଲା ଏବଂ ମେଟ୍ରୋନକୁ ବହିଷ୍କାର କରାଯାଇଥିଲା । ଅନୁରୂପ ସୁନ୍ଦରଗଡ଼ ଜିଲ୍ଲାରେ ମଧ ଜଣେ ମହିଳା କର୍ମଚାରୀଙ୍କୁ ପ୍ରଧାନଶିକ୍ଷକ ଅତ୍ୟାଚାର କରି ଗ୍ରାମବାସୀଙ୍କ ହାତରେ ଧରାପଡ଼ିଥିଲେ । ବାରମ୍ବାର ଶିକ୍ଷାର ଅମର୍ଯ୍ୟାଦା ଘଟାଇ ପ୍ରଧାନଶିକ୍ଷକମାନେ ଏଭଳି ଅମାନୁଷିକ କାର୍ଯ୍ୟ କରିଚାଲିଛନ୍ତି ।

## କୁଳମଣି ବିଶ୍ୱାଳଙ୍କର ଚିତ୍ର ପ୍ରଦର୍ଶନୀ 'ପ୍ରତିବିମ୍ବ' ଉଦଯାପିତ



ନୂଆଦିଲ୍ଲୀ,(ପି.ଏନ): ବିଶିଷ୍ଟ ପ୍ରଶାସକ କୁଳମଣି ବିଶ୍ୱାଳଙ୍କ ଦ୍ୱାରା ଏଠାରେ ଆୟୋଜିତ ଏକକ ଚିତ୍ର ପ୍ରଦର୍ଶନୀ ଉଦଯାପିତ ହୋଇଯାଇଥିବା ଜଣାଯାଇଅଛି। ଏଠାକାର ହାବିଟାଟ ସେଣ୍ଟର ସ୍ଥିତ ଓପନ ପାମ କୋର୍ଟ ଗ୍ୟାଲେରୀ ଠାରେ ଦୀର୍ଘ ପାଞ୍ଚ ଦିନ ଧରି ଅନୁଷ୍ଠିତ 'ପ୍ରତିବିମ୍ବ' ଶୀର୍ଷକ ଏହି ପ୍ରଦର୍ଶନୀ ବ୍ୟାପକ ଭାବେ ସଫଳ ହୋଇଥିବା ପ୍ରାପ୍ତ ସୂଚନାରୁ ପ୍ରକାଶ।ଏହି ପ୍ରଦର୍ଶନୀରେ ଶ୍ରୀ ବିଶ୍ୱାଳଙ୍କ ଦ୍ୱାରା ଅଙ୍କାଯାଇଥିବା ୪୦ଟି ଉଚ୍ଚକୋଟୀର ଛବି ପ୍ରଦର୍ଶିତ ହୋଇଥିଲା। ଜାତୀୟ ରାଜଧାନୀର ବହୁ ପ୍ରତିଷ୍ଠିତ ସଂସ୍କୃତି ସମାଲୋଚକ ଏବଂ ଶତାଧିକ କଳା ପ୍ରଶଂସକଙ୍କ ଦ୍ୱାରା ଏହି ପ୍ରଦର୍ଶନୀ ବେଶ ଆଦୃତ ହୋଇଥିବା ଲକ୍ଷ୍ୟ କରାଯାଇଥିଲା। ଉଦଯାପନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭାରତ ସରକାରଙ୍କ ପୂର୍ବତନ ମୁଖ୍ୟ ସୂଚନା କମିଶନର ସତ୍ୟାନନ୍ଦ ମିଶ୍ର,ଶ୍ରୀ ବିଶ୍ୱାଳଙ୍କର ଅନନ୍ୟ ଓ ଅବିସ୍ମରଣୀୟ କଳା ଚାତୁର୍ଯ୍ୟକୁ ଭୁରୀ ଭୁରୀ ପ୍ରଶଂସା କରିଥିଲେ।ଏହି ଅବସରରେ ସମ୍ମାନୀତ ଅତିଥି ଭାବେ ବରିଷ୍ଠ ପ୍ରଶାସକ ଏସ.ଏନ. ତ୍ରିପାଠୀ, କଂପିଟିସନ କମିଶନର ଡି.ଜି ଅଂଶୁମାନ ପଟ୍ଟନାୟକ, ଆଇ.ସି.ଆଇ. ସି.ଆଇ. ବ୍ୟାଙ୍କର ସରକାରୀ ବ୍ୟବସାୟ ବିଭାଗର ମୁଖ୍ୟ ମୟଙ୍କ ଭାର୍ଗବ ଏବଂ ଇରେଡାର ବିତ୍ତ ନିର୍ଦ୍ଦେଶକ ବିଜୟ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟାନ୍ୟ ଦିବସରେ ସାମିଲ ହୋଇଥିବା ବରେଣ୍ୟ ଅତିଥି ମାନଙ୍କ ମଧ୍ୟରେ ଏନ.ଟି.ପି.ସିର ପୂର୍ବତନ ସିଏମଡି ଅରୂପ ରାୟ ଚୌଧୁରୀ, କୋଲ ଇଣ୍ଡିଆ ଲିମିଟେଡ଼ର ଚେୟାରମ୍ୟାନ ପି. ଏମ.ପ୍ରସାଦ, ଏନ.ଏଲ.ସି ର ମହା ପ୍ରବନ୍ଧକ ରତ୍ନା ଚୌଧୁରୀ, ଏନ.ଟି.ପି.ସି ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଦିତ୍ୟ ଧର, ଏନ.ଟି.ପି.ସି ର ପୂର୍ବତନ ମୁଖ୍ୟ ମହାପ୍ରବନ୍ଧକ ଶ୍ରୀ ରତ୍‌ନେସ୍ ଏବଂ ଏନ.ଟି.ପି.ସି ର ପ୍ରାକ୍ତନ ମୁଖ୍ୟ ମହାପ୍ରବନ୍ଧକ ଆଲକା ସେହଗଲ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ। ପ୍ରଦର୍ଶନୀରେ ଶାନ୍ତିଦୂତ ଗୌତମ ବୁଦ୍ଧ,ନ୍ୟାୟର ସର୍ବୋଚ୍ଚ ମନ୍ଦିର ସୁପ୍ରିମକୋର୍ଟ, ମହାମାନବ ମହାତ୍ମା ଗାନ୍ଧୀ, ମାନବବାଦୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରାଚୁର୍ଯ୍ୟ ଭରା ପ୍ରକୃତି ଏବଂ ସଦ୍‌ଗୁଣ ସମ୍ପନ୍ନା ନାରୀ ଆଦି ବିଷୟବସ୍ତୁ ଆଧାରିତ ଚିତ୍ର ଗୁଡିକ ଦର୍ଶକମାନଙ୍କର ଆକର୍ଷଣର କେନ୍ଦ୍ର ବିନ୍ଦୁ ଥିଲା। ପ୍ରଦର୍ଶନୀକୁ ଏକ ମହତ ଉଦେଶ୍ୟରେ ଆୟୋଜନ କରାଯାଇଥବା ଶ୍ରୀ ବିଶ୍ୱାଳ ଗଣମାଧମ ନିକଟରେ ପ୍ରକାଶ କରିଥିଲେ।ଏଠାରେ ପ୍ରଦର୍ଶିତ ଚିତ୍ରଗୁଡିକର ବିକ୍ରୟରୁ ହେବାକୁ ଥିବା ଆୟକୁ ସେ ପୋଷ୍ୟ ଭାବେ ଗ୍ରହଣ କରିଥିବା ନିଜ ଗ୍ରାମର ଏକ ବିଦ୍ୟାଳୟର ବିକାଶ ଓ ଗରିବ ମେଧାବୀ ବିଦ୍ୟାର୍ଥୀ ମାନଙ୍କୁ ବୃତ୍ତି ପ୍ରଦାନ କରିବା ଦିଗରେ ବିନିଯୋଗ କରିବେ ବୋଲି ଶ୍ରୀ ବିଶ୍ୱାଳ ଜଣାଇଥିଲେ। ପ୍ରଦର୍ଶନୀର ବିଭିନ୍ନ ଦିବସରେ ଯୋଗ ଦେଇଥିବା ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଶ୍ରୀ ବିଶ୍ୱାଳଙ୍କର ପତ୍ନୀ ମିନତୀ ବିଶ୍ୱାଳ, ୱାର୍ଲଡ଼ ଓଡ଼ିଶା ସୋସାଇଟିର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ, ଓଡ଼ିଆ ମହାମଞ୍ଚର ନିର୍ଦ୍ଦେଶକ ଗୋବର୍ଦ୍ଧନ ଧଳ,ବରିଷ୍ଠ ପ୍ରଶାସକ ଦେବେନ୍ଦ୍ର ମାଝୀ,ନରେନ୍ଦ୍ର କୁମାର ବର,ୱ୍ୱା.ଓ.ସୋ ର ମହିଳା ଶାଖାର ଉପସଭାପତି ରୀତା ପାତ୍ର, ସାଂସ୍କୃତିକ ସାଧାରଣ ସମ୍ପାଦକ କାବେରୀ ବେହେରା,ସରୋଜ ପାଣିଗ୍ରାହୀ, ଲକ୍ଷ୍ମୀପ୍ରିୟା ଓଝା, ଶିବାଜୀ ପାତ୍ର ଏବଂ ବିଶ୍ୱଜୀତ ବାରିକ ପ୍ରମୁଖ ଅନ୍ୟତମ ଥିଲେ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray